GOVERNMENT OF INDIA
NATIONAL LIBRARY, CALCUTTA.

Class No. Or 891.452

Book No. P932 s

N. L. 38.

MGIPC—S4—38 LNL/56—22-5-57—50,000.

NATIONAL LIBRARY.

This book was taken from the Library on the date last stamped. A late fee of 1 anna will be charged for each day the book is kept beyond a month.

3 SEP 1964

N. L. 44.
MGIPC—S4—39 LNL/56—15-4-57—20,000.

ସଂସାରଚିତ୍ର ।

ଶ୍ରୀ ଭିକାରୀଚରଣ ପଟ୍ଟନାୟକ ।

188. C. 71.

ସଂସାରଚିତ୍ର ।

(ନାଟକ)

ଶ୍ରୀ ଭିକାରିଚରଣ ପଟ୍ଟନାୟକଙ୍କ ଦ୍ୱାରା

ପ୍ରଣୀତ

ଓ

ପ୍ରଥମ ବାର ପ୍ରକାଶିତ ।

Printed by V. Kar.
The Utkal Sahitya Press,
CUTTACK.
1915.

ମୂଲ୍ୟ ଟ ୦ ୵ ଅଠ ଅଣା ।

NOT TO BE LENT OUT

18 FEB. 19

Or
891·452
P932s

ଉତ୍ସର୍ଗ ପତ୍ର ।

ଶ୍ରୀଯୁକ୍ତ ସାମନ୍ତ ବଳଦେବଚନ୍ଦ୍ର ଧୀର—

ପଟ୍ଟାବୃତ, ମଧୁପୁର—ଶ୍ରୀକରକମଳେଷୁ—

ସବିନୟନିବେଦନମିଦଂ—

ମହାଶୟ,

ନାନା ସମୟରେ ଆପଣଙ୍କ ସହିତ ଆଳାପ କରି ଆପଣଙ୍କର ଅକୃତ୍ରିମ ସାହିତ୍ୟାନୁରାଗର ପରିଚୟ ପାଇ ମୁଗ୍ଧ ହୋଇଅଛି । ମଧୁପୁର ପରି ସ୍ଥାନରେ ରଙ୍ଗମଞ୍ଚ ସ୍ଥାପନରୁ ଦୃଶ୍ୟ କାବ୍ୟ ପ୍ରତି ଆପଣଙ୍କର ଉଦାର ପରିଚୟ ବହୁକାଳରୁ ମିଳିଅଛି । ବର୍ତ୍ତମାନ ଏହି ପୁସ୍ତିକା ଖଣ୍ଡି ମୁଦ୍ରିତ କରିବାର ଭାର ସ୍ୱତଃ ଗ୍ରହଣପୂର୍ବକ ଅଯାଚିତ ଉତ୍ସାହ ପ୍ରଦାନଦ୍ୱାରା ଉତ୍କଳ-ସାହିତ୍ୟ ପ୍ରତି ଯେଉଁ ଅନୁରାଗ ପ୍ରଦର୍ଶନ କଲେ, ତାହା ସର୍ବଥା ପ୍ରଶଂସନୀୟ । ତହିଁର ଉପଯୁକ୍ତ ପ୍ରତିଦାନ ନ ହେଲେହେଁ କେବଳ କୃତଜ୍ଞତାର କ୍ଷୀଣ ନିଦର୍ଶନ ସ୍ୱରୂପ ପୁସ୍ତିକାଖଣ୍ଡି ଆପଣଙ୍କ ଶ୍ରୀକରକମଳରେ ଅର୍ପଣ କଲି । ଇତି ।

ବିନୀତ
ଲେଖକ

ନାଟ୍ୟୋଲ୍ଲିଖିତ ବ୍ୟକ୍ତିଗଣ ।

ପୁରୁଷ—

ଚଉଧୁରୀ ଶ୍ୟାମସୁନ୍ଦର ଦାସ ମହାପାତ୍ର—ଜଣେ ଧନୀ ଓ ମହାଜନ ।

ଗୋବର୍ଦ୍ଧନଚନ୍ଦ୍ର ପଟ୍ଟନାୟକ—କୁନ୍ତଳାର ପିତା (କନ୍ୟାପିତା)

ଦଣ୍ଡଧର କାନୁନଗୋ—ରମାନନ୍ଦର ପିତା (ବରପିତା)

ସଦାନନ୍ଦ—ଚଉଧୁରୀଙ୍କ ଜ୍ୟେଷ୍ଠ ପୁତ୍ର ।

ରମାନନ୍ଦ—ଦଣ୍ଡଧର କାନୁନଗୋଙ୍କ ପୁତ୍ର ।

ବୃନ୍ଦାବନ—ରମାନନ୍ଦର ବନ୍ଧୁ ।

ଶ୍ରୀରାମ ସାମନ୍ତରାୟ—ଚଉଧୁରୀଙ୍କ ସ୍ୱର୍ଗୀୟ ଜାମାତା ନିରଞ୍ଜନ ବାବୁଙ୍କର ନିକଟ ସମ୍ପର୍କୀୟ ଜ୍ଞାତି ।

କପିଳ—ଚଉଧୁରୀଙ୍କ ଗୁମାସ୍ତା ।

ମାଧବ—ପଟ୍ଟନାୟକଙ୍କ ଗୁମାସ୍ତା ।

ଭଦ୍ରବ୍ୟକ୍ତିଗଣ, ଚଉଧୁରୀଙ୍କ ବରକନ୍ଦାଜ ଗଜୁ ସିଂହ, ଦର୍ଶକବୃନ୍ଦ, ସଭାପତି, ସଭ୍ୟଗଣ, ସପନ ଦାସ ଚଉଣି, ଗୁମାସ୍ତା, ଶାଳକଗଣ, ଚପରାସି, ବନ୍ଧୁଗଣ, ଭୃତ୍ୟଗଣ, ନର୍ତ୍ତକୀର ସମାଜଗଣ, ଖଲବତ, ମଦନମୋହନ ବାବୁ, ଗୁଖାଲ ବାବୁ, କନେଷ୍ଟବଲଗଣ, କଏଦଗଣ, ଗ୍ରାମ୍ୟଲୋକମାନେ, ଲୁଷ୍ଟ-ବୈଗେଣ, ଜେଲର ବାବୁ ଓ ଉଆଡ଼ରଗଣ ।

ସ୍ତ୍ରୀ—

କୁନ୍ତଳା—ପଞ୍ଚୁଲାସୃଙ୍କ କନ୍ୟା ।

ତରଙ୍ଗିଣୀ—ଚଉଧୁରୀଙ୍କ କନ୍ୟା ।

ଚମ୍ପା—ତରଙ୍ଗିଣୀର ଦାସୀ ।

କୁନ୍ତଳାର ମାତା, ଚଉଧୁରୀଙ୍କ ପତ୍ନୀ ଓ ପୁତ୍ରବଧୂଗଣ, ଦଉକ୍ଲ କାନୁନ୍‌ଗୋଙ୍କ ପତ୍ନୀ, ନର୍ତ୍ତକୀଗଣ, ବାଦକ, ରମ୍ଭା ଓ ଅନ୍ୟ ସଖୀଗଣ, ରମଣୀଗଣ, ବାଳିକାଗଣ ଓ ଢେଢେଢା ଜଣ ଗ୍ରାମ୍ୟ ରମଣୀ ।

ସଂସାରଚିତ୍ର ।

(ନାଟକ ।)

ପ୍ରସ୍ତାବନା ।

ନଟୀ ।

ଗୀତ ।

ଝପାର କଉତୁକ ଦେଖ ରେ ଭାଇ !
ଯେ ଯାହା କଉଶଳେ ସକଳେ ଧାଇଁ ।

କେ କରେ ସଞ୍ଚୟ କେ କରେ ଭୋଗ,
କେହୁ ନ ବୁଝେ କାହା କରମ ଯୋଗ,
ରୋଗ ଶୋକ ସନ୍ତାପ ସଦା ଗୋଡ଼ାଇ,
ଅବିବେକୀ ମାନବ ଚୁହିଁ ନ ଚୁହିଁ ।

କେହୁ ମନାସି ଗିରି ଶିରେ ଉଠିବ
ଗମ୍ଭୀର ସ୍ରୋତେ ପଡ଼ି ହରାଏ ଜୀବ;
ଶିଶିରରାଶି ବାହ୍ୟଭ୍ରମ ଜନ୍ମାଇ,
ଲୋଲୁପ ନେବ ତାହା ବୁଝିବ କାହିଁ ।

ଯେତେ ଯେ କର କୂଟ କପଟ ଛଳ,
ନିଶ୍ଚୟ ଦିନେ ତାର ଭୁଞ୍ଜିବ ଫଳ;
ଯେତେକ ଯାହା କର ଯେତେ ଯୋଡ଼ାଇ,
ନ ରହେ କିଛୁ ଛପା ବିଧାତା ଠାଇଁ ।

ପ୍ରଥମ ଅଭିନୟ ।

ପ୍ରଥମ ଦୃଶ୍ୟ ।

ସ୍ଥାନ—ଚଉଧୁରୀ ଶ୍ୟାମସୁନ୍ଦର ଦାସଙ୍କ ଗୃହ ।

(ଚଉଧୁରୀ ଶ୍ୟାମସୁନ୍ଦର ଦାସ, ଗୋବର୍ଦ୍ଧନଚନ୍ଦ୍ର ପଟ୍ଟନାୟକ, କପିଳ, ସବର ଓ ଗଜ୍ ସିଂହ)

ଚଉ—ଗୋବର୍ଦ୍ଧନ ବାବୁ ! ଆପଣଙ୍କର ଅଧିକାର କୌଣସି ଆବଶ୍ୟକ ନ ଥିଲା । ଭଦ୍ର ଲୋକର ଗୋଟାଏ କଥା । ଆମ୍ଭେ ଯେତେବେଳେ ଜବାବ ଦେଇଅଛୁଁ, ଆପଣଙ୍କର ଆବଶ୍ୟକ ସମୟରୁ ନିଶ୍ଚୟ ଟଙ୍କା ଦେବୁଁ ।

ଗୋବ—ଆଜ୍ଞା ନା—କାଲି ବରକର୍ତ୍ତାଙ୍କ ସହିତ ସ୍ଥିର ଜବାବ ହେବାର କଥା ଅଛି; ମନେ କଲି, ଥରେ ସ୍ମରଣ କରାଇ-ଦେଇ ଆସେଁ ।

ଚଉ—ସେଥି ସକାଶେ ଆପଣ କୌଣସି ଚିନ୍ତା କରିବେ ନାହିଁ, ଆପଣଙ୍କର କନ୍ୟା ବିବାହ, ଆମ୍ଭେ ଜବାବ ଦେଇଅଛୁଁ, ଆମ୍ଭ ନିକଟରେ ଟଙ୍କା ସଙ୍କୁଲ ନ ହେଲେ ଆମ୍ଭେ କରଜ କରି ହେଲେ ଆପଣଙ୍କର କାର୍ଯ୍ୟ ଚଳାଇବୁଁ ।

ଗୋବ—ଆପଣ ଦୟାଶୀଳ, ଆପଣ ଆମ୍ଭର ମୁରବି, ଆପଣଙ୍କର ଏହି ଅନୁଗ୍ରହ ଚିରଦିନ ଥାଉ, ଏତିକିମାତ୍ର ପ୍ରାର୍ଥନା ।

ଚଉ—କିଛି ନା, କିଛି ନା, ଆପଣ ଯାଉନ୍ତୁ । ନିଃସନ୍ଦେହରେ ବରକର୍ତ୍ତାଙ୍କୁ ଜବାବ ଦେଇ ଆସନ୍ତୁ ।

(ଗୋବର୍ଦ୍ଧନ ଓ ଚଉଧୁରୀଙ୍କର ପରସ୍ପରଙ୍କୁ ଅଭିବାଦନ ଏବଂ ଗୋବର୍ଦ୍ଧନଙ୍କର ପ୍ରସ୍ଥାନ, ଚଉଧୁରୀଙ୍କର ସ୍ୱଗତ)

ପଟ୍ଟନାୟକଙ୍କର ସମସ୍ତ ସମ୍ପତ୍ତି ଏକପ୍ରକାର ହସ୍ତଗତ ହେଲାଣି, କେବଳ ଗୋବିନ୍ଦପୁର ମକଦମି ଖଣ୍ଡି ହସ୍ତଗତ ହୋଇ ନାହିଁ; ସେ ଖଣ୍ଡି ବେଶ୍ ସମ୍ପତ୍ତି, ତାହା ମାତ୍‌ବରୀରେ ୨୦୦୦୦ ଟଙ୍କା ଦେଲେ ଲୋକସାନ ନାହିଁ । (ପ୍ରକାଶ୍ୟ) କପିଳ ! ପଟ୍ଟନାୟକଙ୍କ ନିମନ୍ତେ ଟଙ୍କା ସଜଲ କର ।

କପି—ଆଜ୍ଞା ହଉ ।

(ଚଉଧୁରୀଙ୍କର ପ୍ରସ୍ଥାନ)

ସୁପ—କପିଳ ଭାଇ ! ଖାମିନ୍ଦ କହୁଥିବାରୁ ମୁଁ ବସିଛି । ଚଉଧୁରୀଙ୍କର ବିନା ହୁକୁମ୍, ଅସଲ୍ ତ ତୁମେ; ଖାମିନ୍ଦ କହୁଛନ୍ତି, ଠିକଏ ଜରୁର୍ ଟଙ୍କା ସଜଲ କରି ଦେବ ।

କପି—ଅରେ ଯା ହୋ, ଏତେବେଳକୁ ଆମେ ଅସଲ । ଦୋଳ ଦପ୍ତରରେ କିଛି କିଛି ପାଉଣା ମିଳୁଥିଲା ଯେ, ଏଣିକି ସେତକ ବି ବୁଡିଲା ।

ସୁପ—କପିଳ ଭାଇ ! ସେଥିଲାଗି କିଛି ମନେ କରିବ ନାହିଁ, ମୁଁ ସବୁ ଏଇ ଟଙ୍କାରୁ କିଛି ଦିଆଇ ଦେବି, ଖାମିନ୍ଦ ଆମର ନ ଦେଲା ଲୋକ ନୁହନ୍ତି; କିନ୍ତୁ ହାତରେ ତ ଧନ ନାହିଁ, କଣ କରିବେ ?

କପି—ଦେଖାଯିବ । ଚଉଧୁରୀଙ୍କ ମିଠେଇଖିଆ ତ ଜାଣ, ଆଉ

ଆମ ମିଠେଇଖିଆ କଣ ମିଳବ, ଜବାବ କର, ଯେତେବେଳେ ଇଚ୍ଛା ଆସିବ, ଟଙ୍କା ପେଲିଯିବ। ଆମର ଶତକଡ଼ା * ଟଙ୍କାରୁ କମ ହେବ ନାହିଁ ।

ଗୁମ—ତମକୁ * ଟଙ୍କା ଦବାରେ କୌଣସି ଆପତ୍ତି ନାହିଁ, ମାତ୍ର ଆମ ଖାମିନ୍ଦଙ୍କୁ * ଟଙ୍କା ଶୁଣେଇଲେ ତ ଚଳବ ନାହିଁ ।

କପି—ହିଁ ହିଁ, ବୁଝିଲ; ତାଙ୍କୁ ଯାହା କହିବ, ତାହା ଶୁଣେଇ-ଦବା, ସେଥିରେ ଆମର ହାନି କଣ ?

ଗୁମ—ଶତକଡ଼ା ୧୦ ଟଙ୍କା ଶୁଣେଇଲେ ତମର ପାଞ୍ଚ ଆଉ ଆମର ପାଞ୍ଚ ।

କପିଳ—ବେଶ୍, ସେଇଆ ଶୁଣେଇଦବା ।

ଗଜୁ—ଗୁମାସ୍ତା ବାବୁ ! ମୋର ଶତକଡ଼ା ଦୁଇ ଟଙ୍କା ଲେଖାଏଁ ଉପରବ ପାଉଣା ହଉଚ ।

ଗୁମ—ଅଚ୍ଛା ଅଚ୍ଛା, ଖାମିନ୍ଦଙ୍କୁ କହିବ ।

ଗଜୁ—ଖାମିନ୍ଦଙ୍କୁ କଣ କହିବ ହୋ ? ମୋର ଖାମିନ୍ଦ ଆପଣ; ଆପଣମାନେ ପାଞ୍ଚ ପାଞ୍ଚ ଟଙ୍କା ପାଇଲେ ମୋର ହକ ପାଉଣା ହଉଚି ଦୁଇ ଟଙ୍କା; ଏ କଥା ପାଞ୍ଚ ଜଣରେ ପଡ଼ୁ, ଇନସାଫ ହଉ, ଖାମିନ୍ଦମାନେ ଶୁଣନ୍ତୁ, ଯାହା ଛିଣ୍ଡି-ଦେବେ, ମତେ ସେଇଆ ମିଳବ ।

କପିଳ ଓ
ଗୁମସ୍ତ— } ଚୁପ୍ ଚୁପ୍, ଚୁପ୍ ଚୁପ୍ କର କର ।

ଗଜୁ—ଚୁପ୍ ଚୁପ୍ କରି କହୁଛ କାହିଁକି ? ଆତୁର ବଡ଼ କରି କହୁଛ, (ଉଚ୍ଚସ୍ୱରରେ) ମୋର ଉଆଳର ପାଉଣା ଦୁଇ ଟଙ୍କା ହେଉଛି ।

କପିଳ ଓ ଘସକ— ଆରେ ଅସ୍ଥି ହୋ, ଅସ୍ଥି ହୋ, ଧୀର ଧୀର କରି କହ ।

ଗଜୁ—କାହିଁକି ଅସ୍ଥି ହେବି ନା ? କାହିଁକି ଧୀର ଧୀର କରି କହିବି ନା ? ଆତୁର ବଡ଼ ପାଟି କରି କହିବି, ସମସ୍ତଙ୍କୁ ଡାକହାକ କରି କହିବି, ମୋର ହକ ପାଉଣା ହେଉଛି ଦୁଇ ଟଙ୍କା ଲେଖାଏଁ ।

କପିଳ ଓ ଘସକ— ହଁ ହଁ ପାଇବୁ, ଦୁଇ ଟଙ୍କା ଲେଖାଏଁ ପାଇବୁ ।

ଗଜୁ—ସେହି କଥା ଭଲ । ମୁଁ ଆଗେ ଦଉଡ଼ ଦଉଡ଼ ଟଙ୍କା ଆଦାୟ କଲେ ତେବେ ସିନା ଯାଇ ସମସ୍ତଙ୍କର ହାତ ପିଟିବ । ମୁଁ ଏଥର ଯାଉଛି । ଗୁମାସ୍ତା, ଆପଣ ଶୀଘ୍ର ଆସନ୍ତୁ ।

(ଗଜୁ ସିଂହର ପ୍ରସ୍ଥାନ)

କପିଳ—ଯେତେବେଳେ ଇଚ୍ଛା ଆସିବ, ଏହି ହିସାବରେ ପାଉଣା ବାଦ ଦେଇ ଟଙ୍କା ନେଇଯିବ ।

(କପିଳ ଓ ଘସକଙ୍କର ଭିନ୍ନ ଭିନ୍ନ ଦିଗକୁ ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

ସ୍ଥାନ—ଦେବମନ୍ଦିର ।

(ବରକର୍ତ୍ତା ରଘୁନାଥ କାନୁନଗୋ, କନ୍ୟାକର୍ତ୍ତା ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ ଏବଂ ଉଭୟ ପକ୍ଷର କେତେକ ଜଣ ଭଦ୍ରବର୍ଗଙ୍କ ଓ ଦର୍ଶକବୃନ୍ଦ । ନର୍ତ୍ତକୀମାନଙ୍କର ପ୍ରବେଶ ଓ ଗୀତ)

ଜୟ ଜଗଦୀଶ ଜୟ ମଙ୍ଗଳନିଧାନ ।
ଜୟ ଜଗତକାରଣ ଜଗତପରାଣ ।
ଏ ଜଗତ ସୃଜନ ଏ ଜଗତ ପାଳନ
ପୁରୁଷ ପ୍ରକୃତି ମେଳ ତୁମ୍ଭର ଭିଆଣ ।
ବନ୍ଦି ତବ ଚରଣ ମାଗୁଅଛୁଁ ଶରଣ,
ଏ ଶୁଭ ବିବାହ ଯୋଗେ କର ଶୁଭ ବିଧାନ ।
ବର କନ୍ୟା ଉଭୟ ଭାଳି ହୃଦେ ହୃଦୟ
ଭୁଞ୍ଜନ୍ତୁ ସତତ ତବ ଅକ୍ଷୟ କଲ୍ୟାଣ ।

(ନର୍ତ୍ତକୀମାନଙ୍କର ପ୍ରସ୍ଥାନ)

୧ମ ଭଦ୍ର—ବର୍ତ୍ତମାନ ଆମ୍ଭମାନଙ୍କର ଯାହା କଥାବାର୍ତ୍ତା ହେବ ହେଉ । ଯୋଗ୍ୟ ପାତ୍ର, ଯୋଗ୍ୟା ପାତ୍ରୀ, ବଡ଼ ସୁନ୍ଦର ସମ୍ବନ୍ଧ, କେବଳ ଦେବା ନେବାର କଥାଟା ସ୍ଥିର ହୋଇଗଲେ ଯେ ଯାହାର ଆୟୋଜନରେ ଲାଗିବେ ।

ଗୋବିନ୍ଦ—ଦେବା ନେବା ସମ୍ବନ୍ଧରେ ମୁଁ ଏତିକିମାତ୍ର କହି ପାରେଁ ଯେ, କେବଳ ଜଳପାତ୍ର ସହିତ କନ୍ୟାଦାନ କରିବ, ମୋର ଆଉ କିଛିମାତ୍ର ଦେବାର ଶକ୍ତି ନାହିଁ ।

୨ୟ ଭଦ୍ର—ସେ କଥା କହିଲେ ଫେର କପରି ଚଳବ ? ଗୋବନ୍ଦ ପଟ୍ଟନାୟକଙ୍କ ଘର, ଖାନ୍‌ଦାନ୍ ଘର, ପଟ୍ଟନାୟକଙ୍କ ନାମ ଗୃହଅଛେ ତାକ୍, ଆପଣଙ୍କ ନାମକୁ ଗୃହିଁ ଅବଶ୍ୟ ଆପଣଙ୍କୁ ଦେବାକୁ ହେବ ।

୩ୟ ଭଦ୍ର—ତା ବୋଲି ଯେ ସେ କଛି ନ ଦେବେ, ଆପଣ ଏପରି ଭାବବେ ନାହିଁ । ଅବଶ୍ୟ ତାଙ୍କ ବବେଚନା ମୁତାବକ ସେ ଦେବେ ।

ବର୍ତ୍ତର—ସେ କଥା ସତ, ସେ କଣ ନ ଦେବେ କ, ତେବେ ଯାହା ଯାହା ଦେବେ—ପାଞ୍ଚ ଜଣ ଭଦ୍ରଲୋକ ଉପସ୍ଥିତ ଅଛନ୍ତି—ଶୁଣିବାକୁ ଇଚ୍ଛା କରନ୍ତି ।

ଗୋବ—କନ୍ୟାଙ୍କୁ ସମସ୍ତ ସ୍ୱର୍ଣ୍ଣର ଅଳଙ୍କାର ଦେବ । ଜାମାତାଙ୍କୁ ହାର, ମୁଦି, ଶାଇବର୍ଷୀ, ସୁନାର ଚଡା ଓ ପଇତା ଦେବ; ଏ ଛଡ଼ା ବାସନ୍‌କୁସନ୍, ପଲଙ୍କ, ଶବାର, ପାଲଙ୍କି ଓ ଅନ୍ୟାନ୍ୟ ବାଜେ ଜନସମାନ ୨୫ ସାମନ୍ତ ମର୍ଯ୍ୟାଦାରେ ଯେପରି ଦଆଯାଏ ତାହା ଦେବ, ଗୋଟିଏ ଘୋଡ଼ା ମଧ୍ୟ ଦେବ ।

ବର୍ତ୍ତର—୨୫ ସାମନ୍ତରେ ହେବ ନାହିଁ, ୪୦ ସାମନ୍ତ ମର୍ଯ୍ୟାଦାରେ ସମସ୍ତ ଦେବାକୁ ହେବ । ଅଳଙ୍କାର ୫ ଭରିରେ ବ ହୋଇ ପାରେ, ୫୦୦ ଭରିରେ ବ ହୋଇ ପାରେ । ଆପଣ ଯାହା ଦେବେ, ତାହା କେତେ ଭରି ସୁନାର ହେବ, ତାହା କହିଲେ ଭଲ ହୁଅନ୍ତା ।

୪ର୍ଥ ଭଦ୍ର—ଗୋବନ୍ଦ ବାବୁ ! ଆପଣ କୁଣ୍ଠିତ ହେଲେ ଚଳବ

ନାହିଁ । ତାଙ୍କର ବଡ଼ବଡ଼ଙ୍କରେ ସୁନା ଗହଣା ପିନ୍ଧିବାକୁ ବାରଣ ଥିଲା । ଏବେ ଆପଣଙ୍କ ଯୋଗେ ତାଙ୍କୁ ବଡ଼ବଡ଼ଙ୍କ ବାଧା ଭାଙ୍ଗିବାକୁ ପଡ଼ୁଛି; ଆପଣ ଯେବେ ଟିକିଏ ବେଶି ବେଶି କର ନ ଦେବେ, ତେବେ ବଡ଼ବଡ଼ଙ୍କ ବାଧା ସେ ଭାଙ୍ଗିବେ କାହିଁକି ?

ଦତ୍ତ—ପାଲିକି ଆମର ଦରକାର ନାହିଁ ।

୪ର୍ଥ ଭଦ୍ର—ତାଙ୍କର କୌଣସି ପୁରୁଷରେ କେହି ପାଲିକି ଚଢ଼ି ନ ଥିଲେ, ଅକାରଣ ପାଲିକିଟା ତାଙ୍କର କଣ ହବ ?

ଦତ୍ତ—ବୃଥାରେ ଖର୍ଚ୍ଚାନ୍ତ ହେବାର ଦରକାର ନାହିଁ । ଘୋଡ଼ା ମଧ୍ୟ ଦେବାର ପ୍ରୟୋଜନ ନାହିଁ ।

୪ର୍ଥ ଭଦ୍ର—ଆପଣଙ୍କ ଘୋଡ଼ାକୁ ଯେବେ ଦାନାପାଣି କ ଘାସ-ଫାସ କିଛି ଖୋଇବାକୁ ନ ପଡ଼ିବ, ତା କହନ୍ତୁ, ତେବେ ଭଲ—

ଦତ୍ତ—ଘୋଡ଼ା ପାଲିକି ପରିବର୍ତ୍ତେ ଖଣ୍ଡେ ମଟରକାର ଗାଡ଼ି ଦେବେ ।

୪ର୍ଥ ଭଦ୍ର—ଏ ଖୁବ୍ ସୁବିଧା କଥା । ଅକାରଣଟାରେ ଘୋଡ଼ା ପାଲିକିରେ ଖର୍ଚ୍ଚାନ୍ତ ହେବେ କାହିଁକି ? ସେ ବଂଶଟାର ଗାଡ଼ି ଚଢ଼ିବାର ଭାରି ସଉକ । ଅଜା ତାଙ୍କର ଗାଡ଼ି ଚଳାଇ ଚଳାଇ ଜୀବିକା ନିର୍ବାହ କରୁଥିଲେ । ଏପର୍ଯ୍ୟନ୍ତ ସୁଦ୍ଧା ସେ ଅଭ୍ୟାସ ଛାଡ଼ି ନାହିଁ । ଆଜି ଏଠାକୁ ଓଦର ଗାଡ଼ିରେ ଆସିଛନ୍ତି । ମଟର ଗାଡ଼ି ଆପଣଙ୍କୁ ଦେବାକୁ ବି ସୁବିଧା, ତାଙ୍କ ନେବାକୁ ବି ସୁବିଧା । ଭଲ-

ମାଲଥ ସର୍, ସ୍ତ୍ରୀସାଟର ଅଭାବ, ଆପଣଙ୍କର ବେଗମ ଅସ୍ତମ, ଭଲ ମନଲୁ ଜୋଇଁ ଆପଣଙ୍କର ମଟରଗାଡିରେ ବସି ବଲେ ବଲେ ଆସି ସାତ ଥର ଲେଖାଏଁ ଦେଖିଯାଇ ପାଇବେ ।

ଦତ୍ତ—ଯୋଇଁ ଆପଣଙ୍କର ବି. ଏ. ପାସ କରି ଅଛନ୍ତି, ସେ ମରହଟ୍ଟିଆ ନୁହନ୍ତି, ହାଉ ସାରବକ୍ଷୀ ତାଙ୍କର କଣ ହେବ ? ତହିଁ ପରବର୍ତ୍ତେ ଗୋଟିଏ ସୁନାର ଘଡି ଓ ଗୋଟିଏ ସୁନାର ଗାର୍ଡଚେନ୍ ଦେବେ ।

୪ ର୍ଥ ଭଦ୍ର—ଏ ଯେ ଗୋଟାଏ କଥାର କଥା ।

ଦତ୍ତ—ଅଉ ଆମ୍ଭେ ବନ୍ଧୁବାନ୍ଧବ ଘେନି ଏତେଦୂର ଆସିବୁଁ, ଆମ୍ଭଙ୍କ ରାସ୍ତାଖର୍ଚ୍ଚ ସକାଶେ ପାଞ୍ଚ ହଜାର ଟଙ୍କା ଦେବାକୁ ହେବ ।

୪ ର୍ଥ ଭଦ୍ର—ସମ୍ବନ୍ଧ କରୁ ଅନ୍ୟାଯ୍ୟ କଥା କହୁ ନାହାନ୍ତି, ଚାରି କୋଶ ପାଞ୍ଚ କୋଶ ଦୂରରୁ ଆସିବେ, ଅବଶ୍ୟ ବନ୍ଧୁ ବାନ୍ଧବ, ସାଇ ଭାଇ, ବେଠିଆ ବେଗାରି କରି ଚାଳିଶ ପଚାଶ ଜଣରୁ କମ ଆସିବେ ନାହିଁ, ସମ୍ବନ୍ଧଙ୍କର ତ ଖୋଲା ହାତ, ମୁଠା ମୁଠା ହୁଣ୍ଡୁଣ୍ଡି ଆଉ ଗଣ୍ଡାଗଣ୍ଡା ଲୁଣ—ଯେବେ ଦଅନ୍ତି—ତେବେ ତାଙ୍କର ଦଶ ହଜାର ଟଙ୍କା ଖରଚ ହୋଇଯିବ, ଆପଣଙ୍କୁ ପାଞ୍ଚ ହଜାର ମାଗୁଛନ୍ତି ସିନା, ଆହୁରି ତ ପାଞ୍ଚ ହଜାର ହାତରୁ ପଡ଼ିଯିବ ।

ଦତ୍ତ—ଆପଣଙ୍କର ଜାମାତାଙ୍କୁ ବି. ଏ. ପର୍ଯ୍ୟନ୍ତ ପଢ଼ାଇବା

ନିମନ୍ତେ ଆମ୍ଭଙ୍କୁ ପାଞ୍ଚ ହଜାର ଟଙ୍କା କରଜ କରିବାକୁ ପଡ଼ିଥିଲା, ତାହାର ଅସଲ ସୁଦ ବର୍ତ୍ତମାନ ଆଠ ହଜାର ହେଲାଣି, ସେ ଟଙ୍କାଟା ଆପଣଙ୍କୁ ଶୁଝି ଦେବାକୁ ପଡ଼ିବ ।

୪ର୍ଥ ଭଦ୍ର—ସେ ତ ହିନ୍ଦୁ ଆଇନ ମିତାକ୍ଷରା ଶାସ୍ତ୍ର ସର୍ଭାଇ-ଭର ବିଧି ଅନୁସାରେ ଆପଣ ପରିଶୋଧ କରିବାକୁ ବାଧ୍ୟ ।

ଦତ୍ତ—ଏଣିକି ଏମ୍. ଏ. ଓ ବି. ଏଲ୍. ପଢ଼ିବାର ଖରଚଟା କୋଉଁ ଆପଣ ନ ଦେବେ ଯେ, ମୁଁ କହିବ ?

୪ର୍ଥ ଭଦ୍ର—ଅବଶ୍ୟ, ଅବଶ୍ୟ, ଏ ଦୁଇଟା ପାଠ କେବଳ ଆପଣଙ୍କ କନ୍ୟାଙ୍କ ସକାଶେ, ବିଶେଷତଃ ବିବାହ ପରେ ପୁତ୍ରର ବିଦ୍ୟାଶିକ୍ଷାର ଖରଚ—ଆପଣ ଓକିଲ ମୁକ୍ତାର-ମାନଙ୍କୁ ପଚାରନ୍ତୁ—ପିତା ବହନ କରିବାର କୌଣସି ଆଇନ୍ ବା କାନୁନ୍‌ରେ ନାହିଁ ।

ଦତ୍ତ—ଆଉ ଗୋଟିଏ କଥା—ଯେବେ ଜାମାତା ଆପଣଙ୍କର ଡେପୁଟି କଲେକ୍ଟର ହୋଇଗଲେ, ତେବେ ତ ଆପଣଙ୍କର ଉଭ ଚିନ୍ତା ନାହିଁ ? ତା ନ ହେଲେ ଓକାଲତିରେ ପସାର ହେବାଯାଏ ଆପଣ ଚଳାଇବେ ।

୪ର୍ଥ ଭଦ୍ର—ଜବାବ ମୁତାବକ ଟଙ୍କାଟା ଦିଆ ନିଆ ହୋଇଗଲା ପରେ ଜାମାତାଟି ସମ୍ପୂର୍ଣ୍ଣରୂପେ ଆପଣଙ୍କର ହୋଇଗଲେ, ଆପଣଙ୍କ ମାଲ ଆପଣ ସମ୍ଭାଳିବେ; କେବଳ ତାଙ୍କର ରୋଜଗାର ଟଙ୍କାରେ ସେ ଅପଣାର ପିତା ମାତାଙ୍କୁ ପ୍ରତିପୋଷଣ କରିବେ ।

ଗୋବନ—ମହାଶୟ ! ମୁଁ ଏତେ ଟଙ୍କା ଦେଇ ପାରିବ ? ମୋର ଶକ୍ତି କେତେ ?

ଦତ୍ତ—ଏଠାରେ ଆପଣଙ୍କର ଶକ୍ତି ସହିତ କୌଣସି ସମ୍ପର୍କ ନାହିଁ । ପାତ୍ରର ଯୋଗ୍ୟତା ପ୍ରତି ଲକ୍ଷ୍ୟ ରଖି କଥା କହିବାକୁ ହେବ ।

୪ର୍ଥ ଭଦ୍ର—ନିଶ୍ଚୟ, ନିଶ୍ଚୟ, ବର ମେଟ୍ରିକ୍ୟୁଲେସନ୍ ପାସ୍ କରିଥିଲେ ଜମିବାଡି ବନ୍ଧକ କରିବାକୁ ହୁଏ; ଆଇ. ଏ. ପାସ୍ କରିଥିଲେ ଜମିବାଡି ଓ ଘରଦ୍ୱାର ବନ୍ଧକ କରିବାକୁ ହୁଏ; ବର ବ. ଏ. ପାସ୍ କରିଥିଲେ ଜମି ବାଡ଼, ଘର ଦ୍ୱାର ଓ ସ୍ତ୍ରୀ ପରିବାର ସମସ୍ତ ବନ୍ଧକ କରିବାକୁ ହେବ । ପାସ୍ ସାର୍ଟିଫିକଟ ଦେଖନ୍ତୁ, ତହିଁରେ ଏ କଥା ସ୍ପଷ୍ଟ ଲେଖା ଅଛି ।

ଦତ୍ତ—ସୁନାର ଯାହା ଅଳଙ୍କାର ଦେବେ, ତହିଁର ମୂଲ୍ୟ ନିତାନ୍ତ ପକ୍ଷେ ତିନ ହଜାର ଟଙ୍କା ହେବା ଉଚିତ ।

୪ର୍ଥ ଭଦ୍ର—ଗହଣା ପରିବର୍ତ୍ତେ ଯେବେ ଟଙ୍କାଟା ନଗଦ ଦେଇ ପକାନ୍ତେ, ତେବେ ଆହୁରି ଉତ୍ତମ ହୁଅନ୍ତା ।

ଦତ୍ତ—ଆପଣଙ୍କୁ ଆଉ ଗୋଟିଏ କଥା କହୁଥାଏଁ—ବଣିଆ-ମାନେ ଭାରି ଠକ, ଆପଣଙ୍କର କନ୍ୟା ବିବାହ, ଆପଣ ଗୃହିଅଛେ ବ୍ୟସ୍ତ ରହିବେ, ଆପଣ ସୁନା ଓଜନ କରି ଆମ୍ଭ ଜମା ଦେଇଦେବେ, ଆମ୍ଭେ ବରାଦ କରି ଅଳଙ୍କାର ତିଆର କରାଇ ନେବୁଁ; ଆପଣଙ୍କୁ କେବଳ ମଜୁରିଟା ଅଗରୁଆ ଦେବାକୁ ପଡ଼ିବ ।

୪ର୍ଥ ଭଦ୍ର—ଦେଖନ୍ତୁ, ଏପରି ସମ୍ବନ୍ଧ ମଧ୍ୟ ପାଇବା ବହୁ ତପସ୍ୟାର ଫଳ କହିବାକୁ ହେବ । ସମ୍ବନ୍ଧ ପାସ୍ କରା ସମ୍ବନ୍ଧ । ତାଙ୍କର ଲୋଭ ନାହିଁ, ଅହଙ୍କାର ନାହିଁ, ଆତ୍ମପର ଜ୍ଞାନ ନାହିଁ; ଭରି ଉଦାରହୃଦୟ; ତାଙ୍କ ସହିତ ସମ୍ବନ୍ଧ ନ ହେଉଣୁ ସେ ଆପଣଙ୍କର ସମସ୍ତ ସମ୍ପତ୍ତି ତାଙ୍କର ଜ୍ଞାନ କଲେଣି ।

ଦତ୍ତ—ଯାହା କହିବାର ଶୀଘ୍ର କହନ୍ତୁ ।

ଗୋବ—ମୋହର ଆଉ କହିବାର କଣ ଅଛି ? ଯେତେବେଳେ ଭଗବାନ୍ କନ୍ୟା ଦେଇଅଛନ୍ତି, ଯେଉଁ କାଳରୁ ମୁଁ କନ୍ୟାପିତା ହୋଇଅଛି, ସେହି କାଳରୁ ମୋହର କହିବାର ସମସ୍ତ ଅଧିକାର ରହିତ ହୋଇଅଛି ।

ଦତ୍ତ—ତାହାହେଲେ ଅମ୍ଭେମାନେ ବୁଝିବୁଁ ଯେ କୌଣସି ପ୍ରସ୍ତାବରେ ଆପଣଙ୍କର କିଛିମାତ୍ର ଆପତ୍ତି ନାହିଁ, ଆପଣ ଆମ୍ଭର ପ୍ରସ୍ତାବମତେ ସମସ୍ତ ଦେବାକୁ ସ୍ୱୀକୃତ ଅଛନ୍ତି ।

୪ର୍ଥ ଭଦ୍ର—ଏଃ ! ସଂକ୍ଷିପ୍ତ ସାରଗ୍ରାହୀ ବ୍ୟକ୍ତି, କେବଳ ସାରଟିକ ବାଛି ନେଲେ ।

ଦତ୍ତ—ଆଉ ଗୋଟିଏ କଥା, ଏହା କେବଳ ଆପଣଙ୍କୁ ଅନୁରୋଧ ମାତ୍ର, ଆଶା କରୁଁ ଆପଣ ଆମ୍ଭର ଅନୁରୋଧ ଅବଶ୍ୟ ରକ୍ଷା କରିବେ । ଆମ୍ଭର ଏକମାତ୍ର ପୁତ୍ର ସନ୍ତାନ, ଆମ୍ଭର ଇଚ୍ଛା ବିବାହଟି ଆଡ଼ମ୍ବରରେ ହେଉ; ମାତ୍ର ଜାମାତା ଆପଣଙ୍କର ନବ୍ୟ ସଭ୍ୟ, ସେ ଚାହାନ୍ତି, ଯେତେ କମ ଖରଚ ହୁଏ, ତେତେ ଉତ୍ତମ ।

୪ର୍ଥ ଭଦ୍ର—ଜାମାତା ଆପଣଙ୍କର ବିବାହବ୍ୟୟସଙ୍କୋଚସମିତିର ଜଣେ ସଭ୍ୟ, ସେ ବିବାହରେ ପିତାଙ୍କର ବ୍ୟୟ ହେବାକୁ ଦେବେ ନାହିଁ ।

ଦତ୍ତ—ସମସ୍ତଙ୍କର ମତ ବଜାଏ ରଖି କାର୍ଯ୍ୟ କରିବ ଅଭିପ୍ରାୟରେ ଏହିପରି ସ୍ଥିର କରା ଯାଇଅଛି, ନାଚ ତାମସା ଓ ରୋସନାଇ ଆଦି ଯାହା କିଛି କରିବାକୁ ହେବ, ସେଟା ଆପଣ ସକଳ କରିନେବେ । ଆମ୍ଭେ କେବଳ ବର ପାଲିଙ୍କୀଖଣ୍ଡି ଘେନି ଉପସ୍ଥିତ ହେବୁଁ ।

୪ର୍ଥ ଭଦ୍ର—ଦେଖନ୍ତୁ, ବିବାହର ବ୍ୟୟ ସଙ୍କୋଚର ବ୍ୟବସ୍ଥାଟା ଶିଖି ରଖନ୍ତୁ । ପୁଅ ବିବାହ ସମୟକୁ ବଡ଼ କାର୍ଯ୍ୟରେ ଲାଗିବ । ଆଉ ବିଳମ୍ବ କାହିଁକି ? ମହାପ୍ରସାଦ ଅଣା ଯାଉନ୍ତୁ ।

ଦତ୍ତ—ଆଜ୍ଞା ଏ—

୪ର୍ଥ ଭଦ୍ର—ଆଉର ଅଛି ପରା, କହନ୍ତୁ କହନ୍ତୁ ।

ଦତ୍ତ—ଟଙ୍କା କଉଡ଼ି ଯାହା ଜବାବ ହେଲା, ସେଟା ଯେପରି ପୂର୍ବରୁ ଦେଣନେଣ ନିକାଶ ହୋଇଯିବ ।

୪ର୍ଥ ଭଦ୍ର—ଏ କଥା ଫେର କହିବାକୁ ଅଛି ? ଆଗେ ଟଙ୍କାଟା ହାତରେ ନ ପଡ଼ିଲେ ତ ସ୍ୱୀକାର ଚଳିବା ଉଚିତ ନୁହେ ।

(ପୁରୋହିତଙ୍କର ମହାପ୍ରସାଦ ସହ ପ୍ରବେଶ ଓ ଉଭୟଙ୍କର ମହାପ୍ରସାଦ ଗ୍ରହଣ ।)

ଦତ୍ତ—ଆପଣଙ୍କ କନ୍ୟାଙ୍କ ସହିତ ଆମ୍ଭର ପୁତ୍ରର ବିବାହ ସମ୍ବନ୍ଧରେ ସ୍ଥିର ଜବାବ ଦେଲୁଁ ।

(ଘୋଷଙ୍କ ହସ୍ତରୁ ମହାପ୍ରସାଦ ପ୍ରଦାନ ।)

ଘୋଷ—ଆପଣଙ୍କ ପୁତ୍ରଙ୍କୁ ଆମ୍ଭର କନ୍ୟା ଦାନ କରିବାର ସ୍ଥିର ଜବାବ ଦେଲୁଁ ।

(ଉଭୟଙ୍କ ହସ୍ତରୁ ମହାପ୍ରସାଦ ପ୍ରଦାନ, ପରସ୍ପରଙ୍କୁ ପୁଷ୍ପମାଳା ଓ ଚନ୍ଦନ ପ୍ରଦାନ ଏବଂ ଉପସ୍ଥିତ ବ୍ୟକ୍ତିମାନଙ୍କୁ ମାଳା ଚନ୍ଦନ ପ୍ରଦାନ ।)

ପୁରୋହିତ—ମହାପ୍ରସାଦସେବାର ବନ୍ଦୋବସ୍ତ କରି ଯାଉଅଛୁ । ଈଶ୍ୱର୍ ମହାପ୍ରସାଦସେବାର ଅନୁମତି ହେଉ ।

୪ର୍ଥ ଭଦ୍ର—ଅତି ଉତ୍କୃଷ୍ଟ ପ୍ରସ୍ତାବ, ମହା ଆନନ୍ଦର ବିଷୟ, ଶୁଭକା ହେଉନ୍ତୁ । ପଟ୍ଟନାୟକ ବାବୁ ! ଆପଣଙ୍କୁ ଆଉ ଗୋଟିଏ କଥା କହୁଥାଏଁ—ଏପରି ସମ୍ପଦ ଆଉ ପାଇବେ ନାହିଁ । ଆପଣ ସଂସାରଯନ୍ତ୍ରଣାରୁ ଉଦ୍ଧାର ପାଇଯିବେ, ଇଷ୍ଟାପୂର୍ତ୍ତି ବଡ଼ କଷ୍ଟିନ୍ତ ବୁଦ୍ଧି ।

(ସମସ୍ତଙ୍କର ପ୍ରସ୍ଥାନ ।)

ତୃତୀୟ ଦୃଶ୍ୟ ।

ଚଉଧୁରୀଙ୍କ ଗୃହ ।

(ଚୌଧୁରୀ ଶ୍ୟାମସୁନ୍ଦର ମହାପାତ୍ର, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, କପିଳ ଓ ଭଗବି ।)

ଚଉ—ଗୋବିନ୍ଦ ବାବୁ ! ଆପଣ କାହିଁକି ଆସିଲେ ? ଆମ୍ଭେ ତ ଖବର ପଠାଇଥିଲୁଁ, ଆପଣ ଅନ୍ୟ ଚେଷ୍ଟା କରନ୍ତୁ, ଆମ୍ଭ ନିକଟରେ ବର୍ତ୍ତମାନ ଟଙ୍କା ସକଲ ହେବ ନାହିଁ ।

ଗୋବି—ଆପଣ କହିବାରୁ ମୁଁ ଜବାବ ଦେଲି, ଏତେବେଳେ ଏପରି କହୁଅଛନ୍ତି !

ଚଉ—ଆମ୍ଭେ ତେତେବେଳେ ନ ବୁଝି ନ ସୁଝି ଗୋଟାଏ କଥା ଦେଇଥିଲୁଁ, ଆପଣ ତ ଏତେ ଅଳୁଆ ରଖିଅଛନ୍ତି ।

ଗୋବି—ଆପଣ ଯାହା କହିବେ, ମୁଁ ତାହାର ଅଛି, ଏ ସମୟରେ ମୋତେ ହତାଶ କଲେ ମୁଁ ଏକାବେଳକେ ମନୁଷ୍ୟପଣରୁ ଯିବି । ଚଉଧୁରୀ ମହାଶୟ ! ମୁଁ ଆପଣଙ୍କର ହାତ ଧରୁଛି, ମୋତେ ଅନୁଗ୍ରହ କରନ୍ତୁ ।

ଚଉ—ଆପଣଙ୍କ ଉପରେ ଡିକ୍ରୀ ବାବଦ୍ ପାଉଣା ରହିଲା, ହେଣ୍ଡନୋଟ ବାବଦ୍ ପାଉଣା ଅଛି । ଆପଣଙ୍କ ପିତାଙ୍କର ଦସ୍ତଗରଦା ବାବଦ୍ ପାଉଣା ଅଛି ।

ଗୋବି—ପିତାଙ୍କ ଦସ୍ତଗରଦା କଥା ମୁଁ ଆଦୌ ଶୁଣି ନାହିଁ ।

ଚଉ—ଆମ୍ଭେ କଣ ତେବେ ମିଥ୍ୟା କହୁଅଛୁଁ ?

ଗୋବ—ନା, ନା, ଆପଣ ମିଥ୍ୟା କହିବେ, ଏ କଥା କି ମୁଁ କହି ପାରେଁ ? ମାଫ କରିବାହେବେ, ମୋହର ବର୍ତ୍ତମାନ ବଡ଼ ଅସମର୍ଥ ।

ଚଉ—ଆପଣଙ୍କର ଅସମର୍ଥ ହେଲେ ଅମ୍ଭେ କଣ କରିବୁଁ ? ଅମ୍ଭେ ତ ଅଜ୍ ଟଙ୍କାଗୁଡ଼ାକ ପାଣିରେ ପକାଇ ଦେବୁଁ ନାହିଁ ?

ଗୋବ—ନା, ନା, ପାଣିରେ କାହିଁକି ପକାଇ ଦେବେ ?

ଚଉ—ତା ନୁହେ ତ ଆଜ୍ କଣ ? କପିଳ ! ହିସାବ କରିବଟି; ପୂର୍ବ ବାବତ୍ ସମସ୍ତ ଅସଲ ଓ ସୁଧ ହିସାବ କର; ଉକ୍ତ ଟଙ୍କାର ତମସୁକଦ୍ୱାରରେ ସୁଧ ହିସାବ କରି ଉକ୍ତ ସୁଧ ବାଦ ଦେଇ ବାକି ନଷ୍ଟ ସୁଧଟା ହିସାବରେ ଆଣିବ ।

କପିଳ—ଆଜ୍ଞା ।

(ହିସାବ କରିବାରେ ନିଯୁକ୍ତ ।)

ଚଉ—ଆପଣ ଜାଣନ୍ତି, ଆମ୍ଭର ସୁଧର ରେଟ ଶତକଡ଼ା ମାସକୁ ଟ ୫୷'ରୁ କମ ନାହିଁ ? ମିଠେଇଖିଆ ଦସ୍ତାବିଜ ଟଙ୍କାରୁ ବାଦ ଦେଇ ଯିବାକୁ ହୁଏ ।

ଗୋବ—ଇଚ୍ଛା ଆପଣଙ୍କର ।

କପି—ତାଙ୍କ ଉପରେ ସର୍ବମୋଟ ପୂର୍ବ ବାକିରେ ପାଉଣା ହେଲା ଟ ୧୫୫୮୪୷୬ ।

ଚଉ—ଦେଖିଲେ ?

ଗୋବ—ଆଜ୍ଞା, ଅନେକ ଟଙ୍କା ଅସୁଲ ଦେଇଅଛୁ ।

ରଘୁ—ଯାହା ଅସୁଲ ଦେଇଅଛନ୍ତି, ତାହା ତ ଆଉ ବର୍ତ୍ତମାନ ହିସାବ କରିବାର ସମୟ ନୁହେଁ; ଆପଣଙ୍କୁ ଅମ୍ଭେ ଟ° ୬୨ ଛାଡ଼ ଦେଲୁଁ, ବାକି ଟ ୧୫୬୮୪ ୪୯ ଏ ୨୦୦୦୦ ଟଙ୍କା ଏରୂପ ମୋଟ.ଟ ୩୫୬୮୪ ଟଙ୍କା ନଗଦ ବଏ ଦେଲେ ବୋଲି ତମସୁକ ଲେଖାଇ, ଘର ବାଡ଼ି, ଜମିଦାରି, ଗୋବିନ୍ଦପୁର ମକଦମି ପ୍ରଭୃତି ସମସ୍ତ ସମ୍ପତ୍ତି ବନ୍ଧକ ରଖି ବନ୍ଧକ ଦସ୍ତାବିଜ ରେଜେଷ୍ଟରି କରିଦେଉଛନ୍ତି, ତତ୍ପରେ ଦେଖାଯିବ । କପିଲ ! ଶେଷରେ ଦରଜ କରିବ—"ଏଯିବାଏ"—ପୂର୍ବ ହେଣ୍ଡନୋଟ ଓ ଚିଠି ପ୍ରଭୃତିର ତାରିଖ ଦେଇ ଲେଖିବ,—"ଏ ସବୁ ବାବତ ପାଉଣା ବାକି ରହିଲା ।"

ଗୋବି—ଆଜ୍ଞା ଏପରି ଗୋଟାଏ—

ରଘୁ—ଓଃ! ସେଥିରେ ଆପଣଙ୍କର କ୍ଷତି କଣ ? କେବଳ ଜାବତା ସଙ୍କାଶେ ଲେଖା ଯାଉଅଛି, ଆପଣଙ୍କର ଯେବେ ଆମ୍ଭ ଉପରେ କୌଣସି ପ୍ରକାର ଅବିଶ୍ୱାସ ହୁଏ, ତେବେ ଆପଣଙ୍କର ଆମ୍ଭ ସହିତ କାରବାର କରିବା ଆଦୌ ଉଚିତ ନୁହେ ।

ଗୋବି—(ସ୍ୱଗତ) ହେ ଜଗଦୀଶ୍ୱର ! ମୁଁ କି ଦୁରବସ୍ଥାରେ ପଡ଼ିଅଛି, ଦେଖି ଦେଖି ଜାଣି ଜାଣି ହଳାହଳ ଭକ୍ଷଣ କରିବାକୁ ଯାଉଅଛି, ମୋହର ମନା କରିବାର ଶକ୍ତି ନାହିଁ । (ପ୍ରକାଶ୍ୟ) ଚଉଧୁରୀ ମହାଶୟ ! ଆପଣ ମୋହର ମୁରବି, ଆପଣଙ୍କଠାରେ ମୋହର ତିଳମାତ୍ର ଅବିଶ୍ୱାସ

ନାହିଁ, ମୁଁ ଭଗବାନଙ୍କୁ ସାକ୍ଷୀ ରଖି ଆପଣଙ୍କ ଉପରେ ସର୍ବପ୍ରକାରେ ନିର୍ଭର କରୁଅଛି, ଆପଣ ଏ ସମୟରେ ଯାହା କହିବେ, ମୁଁ ତାହା କରିବାକୁ ବାଧ୍ୟ । ଅଧିକ ଆଉ କଣ କହିବି ? (ସ୍ୱଗତ) ହେ ଭଗବନ୍ ! ଆପଣ ମନୁଷ୍ୟ ମଧ୍ୟରେ ଏତେଦୂର କଠିନ ହୃଦୟ ସୃଜନ କରିଅଛନ୍ତି ! ଓହୋ ! ଜଗତରେ କନ୍ୟାଦାୟ ସମାନ ଆଉ ବିପଦ ନାହିଁ, ସମାଜରେ କନ୍ୟାପିତାଠାରୁ ଅଧିକ ବିପନ୍ନ ବ୍ୟକ୍ତି ମୋହର କେବେ ଦୃଷ୍ଟିଗୋଚର ହୋଇ ନାହିଁ; ମନୁଷ୍ୟର ଦମ୍ଭ, ଅଭିମାନ, ଗର୍ବ ଓ ଅହଙ୍କାର ସମସ୍ତ ଚୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ବୋଧହୁଏ ବିଧାତା କନ୍ୟାର ସୃଷ୍ଟି କରିଅଛନ୍ତି ।

କପି— ଦସ୍ତାବିଜ ଚିଠା କରୁଛ ?

ଗୋବି—କର ।

(ଅଭିବାଦନ ଓ ପ୍ରସ୍ଥାନ, କରିଥିବାଙ୍କର ମଧ୍ୟ ପ୍ରସ୍ଥାନ ।)

କପି—ସ୍ୱାଗତ ଭାଇ, ଶୀଘ୍ର ଶୀଘ୍ର କାମଟା କରିନେବା ଦରକାର ।

(ପରସ୍ପରଙ୍କର ହସ୍ତ ଓ ମୁଖର ଇଙ୍ଗିତଦ୍ୱାରା କଥୋପକଥନ ଏବଂ ପ୍ରସ୍ଥାନ ।)

ଚତୁର୍ଥ ଦୃଶ୍ୟ ।

ଦତ୍ତଙ୍କର କାନୁନଗୋଙ୍କ ଗୃହ ।

(ଦତ୍ତଦଶ କାନୁନଗୋ ଏବଂ ସ୍ୱପନ ।)

ଦତ୍ତ—କଣ ? ଖବର କଣ ? ଟଙ୍କା ଆଣିଛ ?

ସ୍ୱପ—ଆଜ୍ଞା ନାହିଁ, ଟଙ୍କା ଆଣି ନାହିଁ । ତୁଇ ତିନ ଦିନ ମଧ୍ୟରେ ସମସ୍ତ ଟଙ୍କା ଦାଖଲ କରି ଯିବ । କାଇ ଦସ୍ତାବିଜ ଲେଖା ପଢ଼ା ହୋଇ ଯାଇଅଛି । ରେଜେଷ୍ଟରୀ ହୋଇଗଲେ ମହାଜନ ଟଙ୍କା ଦେବେ । ଆପଣ ଟଙ୍କା ସମ୍ବନ୍ଧରେ କୌଣସି ସନ୍ଦେହ କରିବେ ନାହିଁ ।

ଦତ୍ତ—ଦେଖ, ତୁମ୍ଭର ପଟ୍ଟନାୟକଙ୍କୁ କହିଦେବ, ଆମ୍ଭେ କଣ ତାଙ୍କ ଘରକୁ ଖୋଜ ଯାଇ ନ ଥିଲୁଁ, ସେ ଆମ୍ଭ ଘରକୁ ଆସିଥିଲେ । ଆମ୍ଭ ଦ୍ୱାରରେ ମହାମହାଲୋକମାନେ ଧାରଣା ଦେଇ ଯାଉଅଛନ୍ତି । ତୁଇ ଦିନ ମଧ୍ୟରେ ଟଙ୍କା ନ ପହଞ୍ଚିଲେ ଆମ୍ଭେ ଅନ୍ୟ ସ୍ଥାନରେ ଜବାବ ଦେବୁଁ ।

ସ୍ୱପ—ଆଜ୍ଞା, ଅନ୍ୟ ସ୍ଥାନରେ କାହିଁକି ଜବାବ ଦେବେ ? ସେଟା କଣ ଭଲ କଥା ହେବ ? ମହାପ୍ରସାଦ ଚେକ ଦେଇଅଛନ୍ତି, ଲୋକେ ଶୁଣିଲେ କଣ କହିବେ ?

ଦତ୍ତ—ହଁ, ବୁଝାଗଲା, କୌଶଳ କରି ମହାପ୍ରସାଦଟା ଉଠାଇ ନେଇଅଛନ୍ତି ବୋଲି ପଟ୍ଟନାୟକଙ୍କ ମନରେ ଗାର ଗୋଟାଏ ଦମ୍ଭ ହୋଇ ଯାଇଅଛି । ତୁମ୍ଭଙ୍କୁ ଆମ୍ଭେ ସ୍ପଷ୍ଟ କଥା କହୁଅଛୁଁ, ପଟ୍ଟନାୟକଙ୍କୁ କହିଦେବ, ମହାପ୍ରସାଦଟା

ଉଠାଇ ଦେଇଅଛୁଁ ବୋଲି ଆମ୍ଭର ମୁଣ୍ଡିଆ ପଟ୍ଟନାୟକଙ୍କୁ ଚକ୍ରମ୍ଭ କରି ଦେଇ ନାହୁଁ । ମହାପ୍ରସାଦ ଉଠାଇବା ଧର୍ମ୍ମରେ ଆମ୍ଭେ ସମସ୍ତ ସର୍ତ୍ତଗୁଡ଼ିକ ମନେ ମନେ ସ୍ମରଣ କରି ମହାପ୍ରସାଦ ଉଠାଇଅଛୁଁ । ମହାପ୍ରସାଦ ଧରି ମଧ୍ୟ ସଙ୍କଳ୍ପ କରିଅଛୁଁ ଯେ, ଜବାବ ମୁତାବକ ଦେବା ନେବାରେ ଛଟେମାତ୍ର ତ୍ରୁଟି ହେଲେ ଆମ୍ଭେ ବେଦରୁ ପର୍ଯ୍ୟନ୍ତ ବର ଉଠାଇ ଆଣିବୁଁ । ତେଣିକି ମହାପ୍ରସାଦ ଲଙ୍ଘନର ଅପରାଧ ପଟ୍ଟନାୟକଙ୍କର, ଆମ୍ଭର ନୁହେ । ପଟ୍ଟନାୟକଙ୍କୁ ତୁମ୍ଭର କହିଦେବ, ତୁମ୍ଭ କଥା ମୁତାବକ ଆମ୍ଭେ ଆଜି ଦୁଇ ଦନ ଅପେକ୍ଷା କରିବୁଁ । ଯେବେ ଦୁଇ ଦନ ମଧ୍ୟରେ ଜବାବ ମୁତାବକ ନଗଦ ଟଙ୍କା-ଗୁଡ଼ିକ ନ ପହଞ୍ଚେ, ତେବେ ନିଶ୍ଚୟ ନିଶ୍ଚୟ ଆମ୍ଭେ ଅନ୍ୟ ସ୍ଥାନରେ ଜବାବ ଦେବୁଁ । ଆମ୍ଭର ଜବାବ ଗୋଟାଏ, ଜବାବ ଦୁଇଟା ନୁହେ ।

ଦୂତ—ମୁଁ ଯାଉଛି, ଆପଣଙ୍କ ଆଦେଶମତେ ଦୁଇ ଦନ ମଧ୍ୟରେ ଟଙ୍କା ସେଠି ଉପସ୍ଥିତ ହେବ । ଦୁଇ ଦନ ଅପେକ୍ଷା କରନ୍ତୁ, ତତ୍ପରେ ଯାହା କରିବେ ।

ଦତ୍ତ—ଆଚ୍ଛା, ଯାଅ ।

(ଯବନିକ ଶଙ୍ଖବାଦନ ଓ ପ୍ରସ୍ଥାନ)

1୫୫ ୨ 71

ପଞ୍ଚମ ଦୃଶ୍ୟ ।

ଚଉଧୁରୀଙ୍କ ଗୃହର ବହିର୍ଭାଗ ।

(ଉନ୍ମାଦିନୀ ତରଙ୍ଗିଣୀଙ୍କର ପ୍ରବେଶ)

ତରଙ୍ଗିଣୀ—ଅର୍ଥ ପିପାସା ! ବଡ଼ ପିପାସା ! ଘୋର ପିପାସା ! ସେ ପିପାସାର ଶାନ୍ତି ନାହିଁ ! ସେ ପିପାସାର ଶେଷ ନାହିଁ ! ସେ ପିପାସାରେ ମନୁଷ୍ୟ ଅନ୍ଧ ହୁଏ ! ମନୁଷ୍ୟ ଜ୍ଞାନଶୂନ୍ୟ ହୁଏ ! ମନୁଷ୍ୟ ପାଗଳ ହୁଏ ! ଟଙ୍କା ! ଟଙ୍କା ! ଟଙ୍କା ! ଜଗତରେ ମାତା ନାହିଁ, ପିତା ନାହିଁ, ପୁତ୍ର ନାହିଁ, କନ୍ୟା ନାହିଁ, ବନ୍ଧୁ ନାହିଁ, ସବୁ ଅର୍ଥ ! ସବୁ ଅର୍ଥ ଅପେକ୍ଷା ନିକୃଷ୍ଟ ! ବିଷ ! ବିଷ ! ବିଷ କାହିଁ ? ବିଷ କାହିଁ ମିଳେ ? ବିଷ କାହୁଁ ପାଇବ ? ମୋତେ ବିଷ କିଏ ଦେବ ?

(ଚମ୍ପାର ପ୍ରବେଶ ଓ ତରଙ୍ଗିଣୀଙ୍କୁ ଧାରଣ)

ଚମ୍ପା—ତୁମେ ଆସି ଏଠି ଉଠିଲଣି ? ମୁଁ ଖୋଜି ଖୋଜି ଥକିଲଣି ।

ତର—ଚମ୍ପା ! ବିଷ କିଣ ମାତାଙ୍କ ଗର୍ଭରୁ ଜାତ ହୁଏ ? ମୁଁ ପୁନର୍ବାର ମାତାଙ୍କ ଗର୍ଭରେ ପ୍ରବେଶ କରନ୍ତି, ସେଠାରେ ବିଷ ଭକ୍ଷଣ କରନ୍ତି । ତୁ ମତେ ଛାଡ଼ ।

ଗୀତ ।

ମୁଁ ତ ବଷ ଖୋଜିବ ବଷ ଭୁଞ୍ଜିବ,
(ମୋର) ବଷରେ ଆଶ ରହିଗଲା ।
ବଷ ନ ମିଳିଲେ ଜପ ମୁଁ କରିବ,
ଧରୁଛି ତୋ ପଦ କହ ଭଲ ।
ବଷ ଖାଇ ମୋର ପ୍ରାଣ ଗଲା,
(ପୁଣି) ବଷପାଇଁ ମୋର ପ୍ରାଣ ଗଲା ।

ଅହା ! ମୋ ଜୀବନସଙ୍ଗିନି ଟଙ୍କାବତି ! ତୁ ମୋର ମାତା, ତୁ ମୋର ପିତା, ତୁ ମୋର ଭଗିନୀ, ତୁ ମୋର ପୁତ୍ର, ତୁ ମୋର କନ୍ୟା, ତୁ ମୋର ଭ୍ରାତା, ତୁ ମୋର ସ୍ତ୍ରୀ—ହା ! ହା ! ହା ! ହା ! ମୋର ପ୍ରାଣପକ୍ଷି ଲୋ ! ତୁ ମୋର ଶତ୍ରୁ, ତୁ ମୋର ଯନ୍ତ୍ରଣା, ତୁ ମୋର ରୋଗ, ତୁ ମୋର ଶୋକ, ତୁ ମୋର ପଶ୍ଚାତାପ, ତୁ ମୋର କାଳଦୂତ ! ତୁ ମୋର କାଳଦଣ୍ଡ ! ତୋର ମୃତ୍ୟୁ ହେଲେ ମୋର ମୁକ୍ତି ହେବ, ତୁ ମଲେ ମୁଁ ଶାନ୍ତିଲାଭ କରିବି ! ମୁଁ ବୁଝିଛି, ମୋର ପୂର୍ବଜନ୍ମରେ ଅଶେଷ ପାତକ ଥିଲା, ସେହି ପାତକର ଶାସ୍ତି ନିମନ୍ତେ ଧର୍ମରାଜ ତୋତେ ନିଯୁକ୍ତ କରିଛନ୍ତି । ଯା, ଅର୍ଥଭୋଗ କର, ପିତା ଅର୍ଥ ଲୋଭରେ ବଷପ୍ରୟୋଗ କଲେ, ତୁ ଅର୍ଥ ନେ, ମୋର ସର୍ବସ୍ୱ ନେ, ମୋତେ କଣିକାମାତ୍ର ବଷ ଆଣିଦେ ଲୋ !

(ନୈରାଶ୍ୟ ଅବସ୍ଥାରେ ଟଙ୍କାର କଳେବରରେ ମସ୍ତକ ସ୍ଥାପନ)

ଚମ୍ପା—ଏଣିକି ମୁଁ ଆଉ ସମ୍ଭାଳି ପାରିବି ନାହିଁ । ଏତ ଦିନକୁ ଦିନକୁ ବେଶି ବାଢ଼ୁଆଣି ହେଲେ, ମୁଁ କେତେ ଜଗିବି, କଣ କରିବି ! ପିତା ଅର୍ଥଲୋଭରେ ନିଜର ଝିଅ ବୋଲି ଚାହିଁଲେ ନାହିଁ, ଆପଣାର କୋଇଁଠାକୁ ବିଷ ଦେଇ ଜୀବନ ନେଲେ, ଗୋଟାଏ ଡିଲିଲ ଜାଲ କରି ଏବେ ଅତୁଳ ସମ୍ପତ୍ତିର ମାଲିକ ହୋଇ ବସିଲେ । ଇଲୋ ବାପ ! ଏ କଥା ଫେର ତାଙ୍କୁ କିଏ କହିବ ! ଶାମ ଦାସ ଥିଲେ, ଏବେ ପୁଣି—'ଚଉଧୁରୀ', ଫେର 'ଶାମସୁନ୍ଦର', ଫେର 'ଦାସ', ଫେର 'ମାହାପାତର' ବୋଲେଇଲେ ! ମୁଁ ଏବେ ସ୍ବାଙ୍କୁ ନେଇ କଣ କରିବ ! ଜନମରୁ ଦାନା ଖାଉଛି, କି ସମ୍ପଦବେଳେ କି ବିପଦବେଳେ, ଦିନେ ଦାସୀ ବୋଲି ଜାଣେ ନା । ହାୟରେ ସଂସାର ! କି କୌତୁକ ଲାଗିଛି ! କୋଇଁଠାର ମୁରବିପଣିଆ କଲି, ତାର ସର୍ବସ୍ୱ ଖାଇଲି, ତେବେ ଅଣ୍ଟିଲା ନାହିଁ, ତା ଜୀବନଟା ବି ନେଲି ! ଓହୋ ! କି ପାଷାଣ ହୃଦୟ ତୁମର ! ରହିବା ମଧ୍ୟରେ କେବଳ ତାହାର ଛୁଆଟି, ସେ ଫେର କେହି ନୁହେ ! ହେ ଭଗବାନ୍ ! ତୁମେ ଜଗତରେ ଅର୍ଥ ବୋଲି କି ପଦାର୍ଥ ଗୋଟାଏ ସୃଷ୍ଟି କରିଛ !

ଗୀତ ।

ଅର୍ଥ ପିପାସାର ଶାନ୍ତି ନାହିଁ ଏ ଭୁବନ ।
ଅର୍ଥହିଁ ତା ଜ୍ଞାନ ଧ୍ୟାନ ଅର୍ଥ ତା ଜୀବନ ।

ଅର୍ଥଲୋଲୁପ ଯେ ଜନ,
ଅର୍ଥଲୋଭେ ଯେ ଅଜ୍ଞାନ,
ତା ପାଶେ ସବୁ ସମାନ ପର କି ଆପଣ ।
ଛାଡ଼ି ବନ୍ଧୁ ପ୍ରୀତ କର
ନିଜ ଦାର ସୁତ ଅର
ଧନସ୍ପୃହସ୍ତ ତା ପ୍ରାଣ ଧନସ୍ତ ଜୀବନ ।

(ପଟକ୍ଷେପ)

ଦ୍ୱିତୀୟ ଅଭିନୟ ।

ପ୍ରଥମ ଦୃଶ୍ୟ ।

ପଟ୍ଟନାୟକଙ୍କ କନ୍ୟା କୁନ୍ତଳାର କକ୍ଷ ।

(କୁନ୍ତଳା)

କୁନ୍ତଳା—ଆହା ! ଜଗତରେ ମୋ ପରି ହତଭାଗିନୀଙ୍କର ସଂଖ୍ୟା କେତେ, ତାହା ମୁଁ ଜାଣେ ନାହିଁ । ମୁଁ, କି ଅଲକ୍ଷଣୀ ! ଜନନୀ ଗର୍ଭଧାରଣ କରି କି ଅସହ୍ୟ ଯନ୍ତ୍ରଣା ଭୋଗ କରି ନାହାନ୍ତି ! ପିତା ମାତା ଉଭୟେ କେତେ କଷ୍ଟରେ ମୋତେ ଲାଳନ ପାଳନ କରି ନାହାନ୍ତି ! ସେମାନଙ୍କର ସ୍ନେହ ! ସେମାନଙ୍କର ଯତ୍ନ ! ଆହା ! ଜଗତରେ ଜନ୍ମଗ୍ରହଣ କରି ପିତା ମାତାଙ୍କର ଋଣ କିଏ ପରିଶୋଧ କରି ପାରିବ ? ମୁଁ ପାପୀୟସୀ କି ପିଶାଚୀ ! ମୁଁ ସୁଖୀ ହେବି, ପିତା ମାତା ସର୍ବସ୍ୱ ହରାଇ କାଙ୍ଗାଳ ହେବେ ! ମୋତେ ସୁଖୀ କରିବା ଆଶାରେ ପିତା ରଉଧୁରୀଙ୍କ ନିକଟରେ ବିଷୟ ସମ୍ପତ୍ତି ସମସ୍ତ ବନ୍ଧକ ଦେବେ ! ଏ କଥା ଶୁଣିଲା ବେଳରୁ ମୋ ହୃଦୟ ବିଦୀର୍ଣ୍ଣ ହେଉଅଛି । ରଉଧୁରୀ ନିଷ୍ଠୁର ପାଷଣ୍ଡ ବ୍ୟକ୍ତି ! ବିଷୟଲୋଭରେ ନିଜ କନ୍ୟାର ସୁଖ ଭବିଷ୍ୟତ୍ ଚିନ୍ତା କଲା ନାହିଁ । ପାପିଷ୍ଠ ଅକିଞ୍ଚନ ବ୍ୟକ୍ତି ଥିଲା, ଜାମାତାର

ଅର୍ଥରେ ମନୁଷ୍ୟ ହେଲି, ପୁଣି ଅର୍ଥଲୋଭରେ ସେହି ହତଭାଗ୍ୟ ଜାମାତାର ପ୍ରାଣ ସଂହାର କଲି ! ସେହି ହୃଦୟହୀନ ପାପିଷ୍ଠ ହସ୍ତରେ ମୋର ପିତା ଅସଂଖ୍ୟ ସମ୍ପଦ ଓ ନିଜର ଶରୀର ପର୍ଯ୍ୟନ୍ତ ଅବଶ ରଖି ମୋତେ ସୁଖୀ କରିବାକୁ ଚେଷ୍ଟା କରୁଅଛନ୍ତି ! ମୁଁ ଏଥିରେ ସୁଖୀ ହେବ ! ଏହି ଭାବନା ଯେ ମୋତେ ଚିରଦୁଃଖିନୀ କରିବ, ପିତାଙ୍କର ତାହା ପୂରଣ ହେଉ ନାହିଁ ।

(ସଖୀମାନଙ୍କର ପ୍ରବେଶ)

ଗୀତ ।

ଯୁବତୀର ପ୍ରେମତରଣୀ ଖଣ୍ଡିକ
ଭାସଇ ଅକୂଳ ସାଗରେ ।
ପ୍ରେମିକ ଯୁବକ ନାବିକ ବନ୍ଧୁନେ
ଖେଳଇ ତା ମନ ଗଗନେ ଗଗନେ,
ଅନ୍ଧକାର ସେହି ଦେଶେ ବିଲମ୍ବନେ,
କେ ଅଣିବ ତାକୁ ପାଥରେ ।
ନାଉରୀ ନାଗର ନୟନେ ନୟନ
ନ ମିଳିବାଯାଏ ତା ଦଶା ଏସନ,
କହ ଲୋ ସଜନି, ଏଥିକୁ ବିଧାନ,
(ସଖୀ) ସହିଲିଣି ତ ସନ୍ତାପରେ ।

୧ମ ସଖୀ—ସଜନି ଗୋ ! ତୁମେ ଏକା ଏକା ବସି ଏତେ ଭାବୁଛ କଣ ?

୨ୟ ସଖୀ—ବିଭାଘର ଠିକଣା ହେଲା, ଦିନ ବାର ଧରାଗଲା; ଏବେ ତ ଶୋଚ କଲେ ଲାଗୁ ନ ଥାନ୍ତା, ଆଉ ତମର ଏପରି ଉତ୍କଣ୍ଠା କଥା କାହିଁକି ? କେଉଁ କଥାକୁ ଏତେ ଭାବନା, କହିଲ ?

୧ମ ସଖୀ—ବରଙ୍କୁ ତ ଆମେ ଦେଖି ଆସିଲୁଁ, କେଡ଼େ ଶୋଭା-କାର ବର ।

୩ୟ ସଖୀ—ବର ତମର ବି. ଏ. ପାସ କରିଛନ୍ତି, କାଲି ସକାଳେ ଡେପୋଟି ହେବେ, ତୁମେ ଡେପୋଟିଆଣୀ ହେବ, ଆଉ ତମର କେଉଁ କଥାରେ ଊଣା ହେଲା ବୋଲି ଏତେ ଭାବୁଛ, କହିଲ ?

୪ର୍ଥ ସଖୀ—ଛି ! ଆଉ ମନ ଊଣା କର ନା, ଲୋକେ ଶୁଣିଲେ କଣ କହିବେ ? ଆସ, ଆମ ସଙ୍ଗରେ ଆସ; ତମ ମନଟି ଊଣା ଦେଖିଲେ ଆଉ କାହାର ମନ କେଉଁ କଥାରେ ଲାଗୁ ନାହିଁ, ମା ତ କେତେ ଦିନ ହେଲା ଦାନା ଛାଡ଼ି ଦେଲେଣି । ତାଙ୍କ ମନରେ ଭାବନା, ଝିଅର ଆଉ କେଉଁ କଥାରେ ଊଣା ହେଲା ବୋଲି ଝିଅ ମୁହଁ ଶୁଖାଇଛି ।

୨ୟ ସଖୀ—ଆସ, ଆମ ସଙ୍ଗରେ ଆସ, ଏଠି ଏକାଟିଆ କାହିଁକି ବସିଛ ?

କୁନ୍ତଳା—ସଜନି ! ତୁମେ ସବୁ ଚାଲ, ରମ୍ଭା ଥାଉ, ଟିକିଏ ଛଡ଼ି ମୁଁ ରମ୍ଭା ସଙ୍ଗରେ ପଛ ହୋଇ ଯିବି ।

ଅନ୍ୟ ସଖୀ—ହଉ,ତେବେ ରମ୍ଭା ତୁ ଥା, ତୋ ସଙ୍ଗରେ ତ ଭରି ମନ ମିଳେ, ତୁ ତ କୁଆଡ଼େ ଯଉତୁକରେ ଯିବୁ । ହଉ ତେବେ ଆମ୍ଭେ ଯାଉଛୁଁ, ତୁମେ ଆସ ।

(ରମ୍ଭା ଛଡ଼ା ଅନ୍ୟ ସଖୀମାନଙ୍କର ପ୍ରସ୍ଥାନ)

କୁନ୍ତଳା—(ସ୍ୱଗତ) ପିତା ମାତା ଜନ୍ମ ଦେଇଅଛନ୍ତି ସତ୍ୟ, କିନ୍ତୁ ମୋ କର୍ମ ଉପରେ ସେମାନଙ୍କର କିଛିମାତ୍ର ଅଧିକାର ନାହିଁ । ମୋ ଭାଗ୍ୟରେ ଯେବେ ଦୁଃଖିନୀ ହେବାକୁ ଥିବ, ମୋ କର୍ମରେ ଯେବେ ଲେଖା ଥିବ ଯେ ମୁଁ ଭିଖାରଣୀ ହେବି, ତେବେ ପିତା ମାତା ଯେତେ ଯାହା କରନ୍ତୁ, ମୋ କର୍ମଲେଖା କେବେହେଁ ଫେରାଇ ପାରିବେ ନାହିଁ । ତେବେ ଅକାରଣରେ ଘର ଦ୍ୱାର କ ଧନ ସମ୍ପଦ ଆଉ ନିଜର ଜୀବନ ପର୍ଯ୍ୟନ୍ତ ଅର୍ପଣ ଦେଲେ କି ଫଳ ଫଳିବ ? ପିତା ମାତାଙ୍କର କୋଳରେ ଲାଳିତ ପାଳିତ ହୋଇ ଏକାଳକୁ ମୁହିଁ ସେମାନଙ୍କର କାଳକଣ୍ଟକ ହେବି ! ଏହା ମୋ ପ୍ରାଣରେ ସହ୍ୟ ହେବ ନାହିଁ । ବରଂ ମୋର ବିବାହ ନ ହେଉ, ମୁଁ ଚିର-କୁମାରୀ ହେବି, ଚିରଦିନ ଦୁଃଖରେ ଜୀବନ କଟାଇବି, ଭିଖାରଣୀ ହୋଇ ଭିକ୍ଷାନ୍ନ ଭୋଜନରେ ଦିନ ନେବି, ମାତ୍ର ପିତା ମାତାଙ୍କୁ ସଙ୍କଟାପନ୍ନ କରି ଚିରସୁଖୀ ହେବି ନାହିଁ । ମୋର ଦଣ୍ଡପୋଷିଆଣୀ ହେବାର ପ୍ରୟୋଜନ ନାହିଁ । ଯେବେ ପିତା ମାତା ଏଥିରେ ଅସମ୍ମତ ହେବେ, ତେବେ ବିଷ ଖାଇ ଜୀବନ ଶେଷ କରିବି, ଆତ୍ମହତ୍ୟା କରି ଏହି ଚିନ୍ତାର ନିବାରଣ କରିବି ।

ରମ୍ଭା—କଣ ଏତେ ଭାବୁଛ ? ଏଥର ଥାଉ ।

କୁନ୍ତଳା—ରମ୍ଭା ଲୋ ! ତତେ ଗୋଟିଏ କଥା କହିବି, ତୁ ଯା ମାଙ୍କୁ କହିବୁ , ମୁଁ ବିଭା ହେବି ନାହିଁ ।

ରମ୍ଭା—ଏଇଁ ? କଣ କହୁଚ ? ଏ୍ୟା ନା ଗୋଟାଏ କଥା ? ବାହା ହବ ନାହିଁ ? ସବୁଆଡ଼ୁ ସବୁ ହେଲା, ତୁମେ ଝିଅଟା, ଏମିତି କଥା କହୁଚ ! ମୁଁ ଏ୍ୟା ଗୋଟାଏ କେମିତି ମାଙ୍କୁ କହିବି ?

କୁନ୍ତଳା—ହଁ, ତୁ ମାଙ୍କୁ କହିବୁ, ତୋ ହାତ ଧରୁଛି, ତୁ ଯା ମାଙ୍କୁ କହିବୁ ।

ରମ୍ଭା—ତୁମେ କଣ ବାୟାଣୀ ହେଲ ? ମା ପଚାରିବେ, କାହିଁକି ? ମୁଁ କଣ କହିବି ? ମତେ ଏ କଥା ଭଲ ଲାଗୁନାହିଁ ।

କୁନ୍ତଳା—ତତେ ଭଲ ଲାଗୁ ବା ମନ୍ଦ ଲାଗୁ, ତୁ ଶୀଘ୍ର ଯା, ମାଙ୍କୁ କହ । ଆଉ କହିବୁ—ମୋ ସହିତ ଯିଗର କଲେ ମୁଁ ଆତ୍ମହତ୍ୟା କରିବି, ପ୍ରାଣ ହରାଇ ଦେବି ।

ରମ୍ଭା—କାହିଁକି ଗୋ ! ଏ୍ୟା ନା ଗୋଟାଏ କଥା ! ବାହା ନ ହେଲେ ନ ହେବ ପଛକେ, ଜୀବନ କାହିଁକି ହରାଇ ଦେବ ? ମୁଁ ଯାଉଛି, ଏଇକ୍ଷଣି ମାଙ୍କୁ କହିବି ।

(ରମ୍ଭାର ପ୍ରସ୍ଥାନ)

କୁନ୍ତଳା—(ସ୍ୱଗତ) ଏହି ମୋର ସ୍ଥିର ସଙ୍କଳ୍ପ, ମୁଁ ବିବାହ କରିବି ନାହିଁ । ଯେଉଁ ଉଚ୍ଚ ଶିକ୍ଷାପ୍ରାପ୍ତ ଯୁବକ ବିବାହବେଦୀରେ ମୂଲ୍ୟପ୍ରାପ୍ତି ଆଶାରେ ଆତ୍ମବିକ୍ରୟ କରିବାକୁ ଉଦ୍ୟତ,

ସେରୂପ ଯୁବକଙ୍କୁ ବିବାହ କରିବ ନାହିଁ । ପିତା ମାତାଙ୍କର ସୌଭାଗ୍ୟ ବର୍ଦ୍ଧିତ ହୋଇ ମୋର ଭବିଷ୍ୟତ୍ ଭାଗ୍ୟ ସ୍ଥିର ହେବ, ଏହା ମୁଁ ଏ ଜୀବନରେ ଦେଖିବ ନାହିଁ । ବରଂ ଆତ୍ମହତ୍ୟା କରି ଜୀବନ ବିସର୍ଜନ କରିବି । ମୋର ଜୀବନବିସର୍ଜନରେ ଯେବେ ହୃଦୟ-ହୀନ ଯୁବକମାନଙ୍କର ହୃଦୟସଞ୍ଚାର ହୁଏ ।

ଗୀତ ।

ଉଦାରହୃଦୟ ବିଶ୍ୱପାତା ବିଶ୍ୱବ୍ରହ୍ମାଣ୍ଡକାରଣ,
ହୃଦୟହୀନ ଯୁବକ ସଗଣେ ହୃଦୟ କର ସୃଜନ ।
ଦିନୁଁ ଦିନୁଁ ଯେପରେ ଶିକ୍ଷାର ଉନ୍ନତି,
ସଙ୍ଗେ ସଙ୍ଗେ କନ୍ୟା ବଳଇ ଏ ମତି,
ଲଭିଲା ସମାଜ ଏ ସମ ଦୁର୍ଗତି
ଫେରାଅ ଏ ଗତି ଅଶେଷ ଦୁରିତନାଶନ !
ସମାଜ ବନ୍ଧନେ ପଡ଼ି ଶତ ଶତ
କନ୍ୟାପିତାଗଣ ହେଲେ ସର୍ବସ୍ୱାନ୍ତ,
ଶିକ୍ଷା ସଙ୍ଗେ ସଙ୍ଗେ ଏ କି ବିପରୀତ,
ସମାଜର ହିତ ନ ଭାବନ୍ତି କେହି ଜନ ।

ଦ୍ୱିତୀୟ ଦୃଶ୍ୟ ।

ଯୁବକ-ସମିତି ।

(ସଭାପତି ଓ ସଭ୍ୟଗଣ ଆସୀନ)

୧ମ ସଭ୍ୟ—ସମାଜସଂସ୍କାର ଆମ୍ଭମାନଙ୍କ ସମିତିର ଉଦ୍ଦେଶ୍ୟ-ମାନଙ୍କ ମଧ୍ୟରେ ଗୋଟିଏ ପ୍ରଧାନ ଉଦ୍ଦେଶ୍ୟ । ସମାଜରେ ଯେତେପ୍ରକାର କୁସଂସ୍କାର ବର୍ତ୍ତମାନ ଲକ୍ଷିତ ହୁଏ, ତହିଁ ମଧ୍ୟରେ ବୋହକାଳୀନ ଅପବ୍ୟୟ ଗୋଟିଏ ଅନିଷ୍ଟକର କୁପ୍ରଥା । "ବିବାହର ବ୍ୟୟସଙ୍କୋଚ" ଆଜ ଆମ୍ଭମାନଙ୍କର ବିତର୍କ୍ୟ ବିଷୟ । ଆମ୍ଭେମାନେ ଦେଖୁଅଛୁଁ, ବର୍ତ୍ତମାନ କନ୍ୟାବିବାହ ସମାଜରେ ଗୋଟିଏ ବିଷମ ସଙ୍କଟ ହୋଇ ଉଠିଅଛି । ପୁତ୍ରବିବାହକୁ ତ କେହି ସେପରି ଚକ୍ଷୁରେ ଦେଖନ୍ତି ନାହିଁ । ବିବାହକାଳରେ ବରପିତା ଓ କନ୍ୟାପିତା ଦୁହିଙ୍କ ପ୍ରତି ଦୃଷ୍ଟିପାତ କର, ଦେଖିବ, ବରପିତାଙ୍କର ଆନନ୍ଦର ସୀମା ନାହିଁ, ଅଥଚ କନ୍ୟାପିତା ଚିନ୍ତାରେ ଚିନ୍ତାରେ ଅର୍ଦ୍ଧମୃତ ହୋଇ ରହିଅଛନ୍ତି । ତାଙ୍କ ମୁଖରେ ହର୍ଷର ଚିହ୍ନମାତ୍ର ନାହିଁ । ବିବାହୋତ୍ସବଟା ଷୋଳ ଅଣାରେ ତାଙ୍କର ଗୃହରେ, ଅଥଚ ସେ ନିରାନନ୍ଦମୟ । ଏହାର କାରଣ କଣ ? ତାଙ୍କୁ ପ୍ରଶ୍ନ କର, ବୁଝିବ ଯେ, ବରର ମୂଲ୍ୟ ସ୍ୱର ପାଞ୍ଚ ହଜାର ଦେବାକୁ ପଡ଼ିଲା । ଏହା ଛଡ଼ା ଅଳଙ୍କାର ଓ ବିବାହର ଅନ୍ୟ ଖର୍ଚ୍ଚ ସବୁ ଅଛି । ଜମିଦାରୀ, ମହଜନି,

ଗୃହ, ବାସ, ଲକ୍ଷ୍ମୀଜଳ, ଖାନାବାଡ଼ି, ଯାହା କିଛି ଥିଲା, ସମସ୍ତ ବନ୍ଧକ ଦେଇଅଛନ୍ତି । ମହାଜନ ଅତି, ଦସ୍ୟୁପ୍ରକୃତି ବ୍ୟକ୍ତି, ସମସ୍ତ ବୁଝି ମିଠେଇକ୍ଷୀରଠାରୁ ସୁଦର ରେଟ ଓ ତମସୁକର ସର୍ତ୍ତ ପ୍ରଭୃତି ସର୍ବ ପ୍ରକାରେ କଷି ଦେଇଅଛନ୍ତି । ଏ ଜନ୍ମରେ ପୈତୃକ ସମ୍ପତ୍ତିଗୁଡ଼ିକର ପୁନରୁଦ୍ଧାର ହେବ, ସେ ଭରସା ନାହିଁ । ଏ ଦୁର୍ଗତିର ମୂଳ କିଏ ? ଏ ଦୁର୍ଦ୍ଦଶାର ମୂଳ ଆମ୍ଭେମାନେ । ଏ ଦୁର୍ଦ୍ଦଶାର ମୂଳ ଶିକ୍ଷିତ ଯୁବକଶ୍ରେଣୀ । ଆମ୍ଭେମାନେ ଉଚ୍ଚ ଶିକ୍ଷା ଲାଭ କରି ସମାଜର ଶ୍ରୀବୃଦ୍ଧି କରିବା ତେଣିକି ଥାଉ, ଆମ୍ଭମାନଙ୍କର ବିବାହକାଳୀନ ମୂଲ୍ୟଦାବି ହେତୁ ସମାଜର ଶତ ଶତ ଲୋକେ ସର୍ବସ୍ୱାନ୍ତ ହୋଇ ଦରିଦ୍ରାବସ୍ଥା ପ୍ରାପ୍ତ ହେଉଅଛନ୍ତି । କନ୍ୟାପିତାଙ୍କର କନ୍ୟାବିବାହଟାର ଖରଚ ନିର୍ବାହ କରିବାକୁ କି ସଙ୍ଗତି ନ ଥିଲା ? ତାହା ନୁହେଁ, କେବଳ ବର ମୂଲ୍ୟଟା ତାଙ୍କ ପକ୍ଷରେ ଅତ୍ୟଧିକ ହୋଇପଡ଼ିଲା । ସମତାଗତ ମୂଲ୍ୟ ନ ଦେଲେ ଉପଯୁକ୍ତ ବର ମିଳିଲେ ନାହିଁ । କନ୍ୟା ସୁନ୍ଦରୀ, ଗୁଣବତୀ ଓ କୁଳବତୀ ହେଲେ କି ହେବ, ଯେବେ କନ୍ୟାପିତାଙ୍କର ମୂଲ୍ୟପ୍ରଦାନର ଶକ୍ତି ନାହିଁ, ତେବେ କେହି ଶିକ୍ଷିତ ଯୁବକ ବିବାହ କରିବାକୁ ସମ୍ମତ ହେଲେ ନାହିଁ । ଧିକ୍ ଆମ୍ଭମାନଙ୍କ ଉଚ୍ଚଶିକ୍ଷାକୁ ! ଆମ୍ଭେମାନେ ଉଚ୍ଚଶିକ୍ଷା ବଳରେ କାହିଁ ସମାଜର ଉନ୍ନତି ସାଧନ କରିବୁଁ, ନା ସମାଜର କଳଙ୍କ ହୋଇ ଉଠିଲୁଁ ! ଅତଏବ ଏ କୁପ୍ରଥା ଯେପରି ରହିତ ହେବ, ତତ୍ପ୍ରତି ସମସ୍ତଙ୍କର ଯତ୍ନବାନ୍ ହେବା ଉଚିତ ।

୨ୟ ସଭ୍ୟ— ମୋହର ପୂର୍ବବକ୍ତା ବର୍ତ୍ତମାନ ଶିକ୍ଷିତ ସମାଜର ବିବାହ ରୀତିର ବିଷମୟ ପରିଣାମ ସମ୍ବନ୍ଧରେ ଉତ୍ତମ-ରୂପେ ବୁଝାଇ ଦେଇଅଛନ୍ତି । ମୁଁ ସେ ସମ୍ବନ୍ଧରେ କେବଳ ଦୁଇଟି ଗୋଟିଏ କଥା କହିବି । କିଛି କାଳ ପୂର୍ବେ ଏ ପ୍ରଦେଶରେ "ବରମୂଲ୍ୟ" କଥାଟା ଆଦୌ ଶୁଣା ନ ଥିଲା । କନ୍ୟାପିତା ନିଜ ଇଚ୍ଛାନୁସାରେ ସ୍ନେହର ସହିତ ବର କନ୍ୟାଙ୍କୁ ଆପଣାର ଶକ୍ତି ଅନୁସାରେ କେତେକ ଅଳଙ୍କାର ଓ ଅନ୍ୟାନ୍ୟ ବ୍ୟବହାରୋ-ପଯୋଗୀ ବାସନକୁସନ୍ ଲୁଗାପଟା ଦେଇ ବର କନ୍ୟାଙ୍କୁ ବିଦାୟ କରୁଥିଲେ । କରଣସମାଜରେ ସାମନ୍ତମର୍ଯ୍ୟାଦା-ନାମକ ଏକ ଆଡ଼ମ୍ବରଯୁକ୍ତ ପ୍ରଥା ପ୍ରଚଳିତ ହେଲା । ବ୍ରାହ୍ମଣମାନଙ୍କ ମଧ୍ୟରେ ଅଧିକାଂଶ ସ୍ଥଳରେ ବରଂ କନ୍ୟାମୂଲ୍ୟ ଦେବାକୁ ପଡ଼ୁଥିଲା । ଏହା ଛଡ଼ା ଅନ୍ୟ କୌଣସି ଜାତିରେ ବିବାହ ସମ୍ପର୍କରେ ଦେବା ନେବାର ନାମ ପର୍ଯ୍ୟନ୍ତ ଶୁଣାଯାଉ ନ ଥିଲା । କରଣସମାଜରେ ସାମନ୍ତମର୍ଯ୍ୟାଦା ପ୍ରଥା ପ୍ରଚଳିତ ହେବା କାଳରୁ କନ୍ୟାପିତାମାନଙ୍କର ଘୋର ଦୁର୍ଗତି ହେଲା । ତହିଁରେ ମଧ୍ୟ ଅନେକ ପୁରାତନ ଗୃହ ନଷ୍ଟ ହୋଇଥିବାର ପ୍ରମାଣ ମିଳେ । ସାମନ୍ତମର୍ଯ୍ୟାଦା ଅନୁସାରେ କେବଳ ଅଳଙ୍କାର ଓ ଅନ୍ୟାନ୍ୟ ଦାନସାମଗ୍ରୀର ପରିମାଣ ବୃଦ୍ଧି ହୋଇଥିଲା । ମାତ୍ର ନଗଦ ଟଙ୍କାରେ ବରଖରିଦ ବିଧିଟା ଆଧୁନିକ ଶିକ୍ଷିତ ଯୁବକମାନେ ଅତି ଅଳ୍ପ ଦିନ ମଧ୍ୟରେ ଉଚ୍ଚ-ଶିକ୍ଷାର ଉନ୍ନତିଦ୍ୱାରା ବୈଜ୍ଞାନିକ ଶକ୍ତିବଳରେ ବଙ୍ଗ-

ସ୍ୱଦେଶରୁ ଅନ୍ନଦାନ କରିଅଛନ୍ତି । ଏହି କେତେକ ବର୍ଷ ମଧ୍ୟରେ ଏହାର ବିଷମୟ ପରିଣାମ ଏ ଅଞ୍ଚଳରେ ଉତ୍ତମରୂପେ ଅନୁଭୂତ ହୋଇଅଛି । ଅଉ ଆବଶ୍ୟକ ନାହିଁ । ଭାଇମାନେ ! ଅମ୍ଭେମାନେ ଏହାର ମୂଳ, ଅମ୍ଭମାନଙ୍କଦ୍ୱାରା ଏହାର ଉତ୍ପତ୍ତି ଏବଂ ଅମ୍ଭେମାନେ ଦୃଢ଼ସଙ୍କଳ୍ପ ହେଲେ ଅବଶ୍ୟ ଏହାର ବିନାଶ ସାଧନ କରି ପାରିବା ।

ଅନ୍ୟ ସଭ୍ୟ—ମୋହ ମନରେ ଗୋଟିଏ ଭାରି ସନ୍ଦେହ ଜାତ ହେଲା, ମୁଁ ପ୍ରଶ୍ନ ନ କରି ରହି ପାରିଲି ନାହିଁ । ସମାଜରେ ପୁରୁଷଜାତିକୁ ଉଚ୍ଚ ଏବଂ ସ୍ତ୍ରୀଜାତିକୁ ନୀଚ ବୋଲି ଜ୍ଞାନ କରାଯାଏ କାହିଁକି ? ବିଶେଷତଃ ବିବାହ ସମ୍ପର୍କରେ ଏ ଦୁହିଙ୍କ ମଧ୍ୟରେ ପାର୍ଥକ୍ୟ ବିବେଚନା କରାଯିବାର କିଛିମାତ୍ର କାରଣ ନାହିଁ । ଯୁବକମାନଙ୍କର ବିବାହ ପୂର୍ବେ ମୂଲ୍ୟ ଦାବି କରିବାର କି ଅଧିକାର ଅଛି ? ଅଜ ଯେବେ ସମସ୍ତ ସ୍ତ୍ରୀଜାତି ଏକତ୍ରିତ ହୋଇ ପ୍ରତିଜ୍ଞା କରନ୍ତି ଯେ, ଯେଉଁମାନେ ଅମ୍ଭମାନଙ୍କୁ ଅବଜ୍ଞା କରନ୍ତି ବା ଯେଉଁମାନେ ଅମ୍ଭମାନଙ୍କୁ ଆପଣା ଅପେକ୍ଷା ନିକୃଷ୍ଟ ବିବେଚନା କରନ୍ତି, ସେମାନଙ୍କ ସହିତ ଅମ୍ଭମାନଙ୍କର ସମସ୍ତ ସମ୍ପର୍କ ରହିତ କରିବା । ଯେଉଁ ଯୁବକମାନେ ବିବାହ ଛଳରେ ମୂଲ୍ୟ ଦାବି କରନ୍ତି, ସେମାନଙ୍କୁ କେହି ବିବାହ କରିବା ନାହିଁ । ହେ ଉଚ୍ଚଶିକ୍ଷାପ୍ରାପ୍ତ ଯୁବକବୃନ୍ଦ ! ମୁଁ ପଚାରେଁ, ତାହାହେଲେ ତୁମ୍ଭମାନଙ୍କର କି ଗତି ହେବ ? ତୁମ୍ଭେମାନେ ସାଏନ୍ସ, ଫିଲଜଫି,

ବଟାନି, ଏଷ୍ଟ୍ରନମି ବା ଅନ୍ୟ କୌଣସି ଉଚ୍ଚଶାସ୍ତ୍ର ସାହାଯ୍ୟରେ ସ୍ତ୍ରୀଜାତିର ଅବଶ୍ୟକତା ସଂସାରରୁ ଦୂର କରି ଦେଇ ପାରିବ କି ? ପରସ୍ପର ମଧ୍ୟରେ ବିବାହ ସମ୍ପର୍କ ସ୍ଥାପନ କରି ସଂସାରଟା ଚଳାଇ ନେଇ ପାରିବ କି ? ତାହା ଯେବେ ନ ପାର, ତେବେ ବିବାହ ସମ୍ପର୍କରେ ସ୍ତ୍ରୀଜାତିଠାରୁ ଶ୍ରେଷ୍ଠତର ଆସନ ଦାବି କରିବାର ତୁମ୍ଭମାନଙ୍କର କି ଅଧିକାର ଅଛି ? ତୁମ୍ଭ-ମାନଙ୍କର ବିଡ଼ମ୍ବନାରେ ଯେବେ ସେମାନେ ଅରେମାନ ସ୍ଥିରସଙ୍କଳ୍ପ ହୁଅନ୍ତି, ତେବେ ତୁମ୍ଭମାନଙ୍କର ଦୁର୍ଗତିର ଶେଷ ରହିବ ନାହିଁ । ସେହିମାନଙ୍କର କୃପାଭିକ୍ଷା କରିବାକୁ ବାଧ୍ୟ ହେବ । ଆଉ ଯେବେ ତୁମ୍ଭେମାନେ ଶିକ୍ଷିତ ଯୁବକ ବୋଲି ବୃଥା ଅଭିମାନ କର, ତେବେ ଗୋଟିକ ଗୋଟି ଶିକ୍ଷିତ ଯୁବକ ଗୋଟିକ ଗୋଟି ବାଘୁଆ-ବଳଦ ହୋଇ ବୁଲିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

୪ର୍ଥ ସତ୍ୟ—ବିବାହ ସମ୍ପର୍କରେ କେବଳ ବରମୂଲ୍ୟ କାହିଁକି, ଆହୁରି ଅନେକଗୁଡ଼ିଏ ଅପକାର୍ଯ୍ୟ ଅଛି, ସେ ସମସ୍ତ ଦୂର କରିବା କାରଣ ଚେଷ୍ଟା କରିବା ନିମନ୍ତେ ଆମ୍ଭ-ମାନଙ୍କର ସ୍ଥିରସଙ୍କଳ୍ପ ହେବା ଉଚିତ । ମୋହ ବିବେଚନାରେ ଯେତେବେଳେ ଯେଉଁ ସ୍ଥାନରେ ଏହି-ପରି ବିବାହର ସମ୍ବାଦ ମିଳିବ, ତେତେବେଳେ ସେହି ସ୍ଥାନରେ ସମସ୍ତ ସଭ୍ୟମାନେ ସ୍ୱତଃ ଉପସ୍ଥିତ ହୋଇ

ଉପରୋକ୍ତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଯଥେଷ୍ଟ ଯତ୍ନବାନ୍ ହେବା ।

୨ୟ ସଭ୍ୟ—ଏ ଅତି ଉତ୍ତମ କଥା, ଏ ପ୍ରସ୍ତାବ ମୁଁ ଅନୁମୋଦନ କରୁଅଛି ।

ସମସ୍ତେ—ଏଥିରେ ସମସ୍ତେ ଏକମତ ।

ସଭାପତି—ତେବେ ଏ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେଲା, ଏବେ ସଭା ଭଙ୍ଗ ହେଉ ।

(ସମସ୍ତଙ୍କର ପ୍ରସ୍ଥାନ)

ତୃତୀୟ ଦୃଶ୍ୟ ।

ଚଉଧୁରୀଙ୍କ ଗୃହ ।

(ଚଉଧୁରୀ ଓ କପିଳ ଉଭୟ ବାହାରୁ ପ୍ରବେଶ । କପିଳଙ୍କର ଅଭିବାଦନ ।)

ଚଉ—ଗୁମାସ୍ତା ! କି ସମନ ହେ ? ଅଦାଲତ ପିଅଦା କି ସମନ ଆଣିଥିଲା ? ରାମ ସାହୁ ଦେଣଦାର କଣ ଅପୀଲ ଆପତ୍ତି ଦାଖଲ କଲାଣି କି ? ତାହା ପାଖରେ ଆମ୍ଭ ହାତର ଦୁଇ ଖଣ୍ଡ ରସିଦ ରହିଗଲା ।

କପିଳ—ଆଜ୍ଞା ନା, ଏହ ପରୁଆନା, ଏ ତ ଜଜ ସାହେବଙ୍କ ଅଦାଲତର ଗୋଟାଏ ନୋଟିସ୍ ।

ଚଉ—କି ନୋଟିସ୍ ? ବୁଝିଲ କଛି ?

କପିଳ—ଆଜ୍ଞା ହଁ, ବୁଝିଲିଣି, ନିରଞ୍ଜନ ବାବୁଙ୍କ ଉଇଲ ରଦ କରିବା କାରଣ ଶ୍ରୀରାମ ବାବୁ ଦରଖାସ୍ତ କରିଅଛନ୍ତି ।

ରଘୁ—(ସଚକିତେ) କଣ କହୁଛ ! ଉଇଲ ରଦ କରିବାକୁ ଦରଖାସ୍ତ ! ଗୁମାସ୍ତା ! କଣ କରାଯିବ ? ତୁମେ ତ ଉଇଲର ନକସିକା, ସେ କଣ ଉଇଲ ଜାଲ ବୋଲି ଆପତ୍ତି କରିଅଛନ୍ତି ?

କପି—ଉଇଲ ଜାଲ ବୋଲି ଆପତ୍ତି କରିଅଛନ୍ତି ଏବଂ ଲେଖି-ଅଛନ୍ତି ଯେ, ଇଷ୍ଟେଟର ଟଙ୍କା କାଢ଼ି ଆପଣ ଅନେକ ତୋଷରଫ କରୁଅଛନ୍ତି ।

ରଘୁ—କପିଳ ! କପିଳ ! ତୁମେ କହ ମୋତେ, କ ବୁଦ୍ଧି କରିବା ! ଯେବେ ଉଇଲ ଜାଲ ବୋଲି ପ୍ରମାଣ ହୁଏ, ତେବେ ଆମ୍ଭମାନଙ୍କର ଦଶା କଣ ହେବ ? କପିଳ ! ମୋତେ ଆଗେ କହ, କଣ କରିବା କହ ।

କପି—ଆପଣ ବ୍ୟସ୍ତ ହେବାର ପ୍ରୟୋଜନ ନାହିଁ, ଓକିଲ ମୁକ୍ତାରଙ୍କ ପରାମର୍ଶ ନେଇ ମକଦ୍ଦମାରେ ଜବାବ ଦେବା, ସେଥି ସକାଶେ ଭାବିଲେ ଆଉ କଣ ହେବ ?

ରଘୁ—ଯେବେ ଉଇଲ ଜାଲ ବୋଲି ପ୍ରମାଣ ହୋଇଯାଏ, ତେବେ ଆମ୍ଭର ତୁମ୍ଭର ଏବଂ ଉଇଲର ସାକ୍ଷିମାନଙ୍କର କ ଦଶା ହେବ କପିଳ ? ଆମ୍ଭର ଏତେ ଯତ୍ନ ଅକାରଣ ହୋଇଯିବ ! ହେ ଭଗବାନ୍ ! ମୁଁ ଏ ଦୁର୍ବୁଦ୍ଧି କାହିଁକି କଲି, ଜାମାତାର ହୁଯାବରେ ଯାହା ତାଙ୍କ ହୋଇ-ଆନ୍ତା, ତାକୁ କହୁଥିଲେ ଯେ ଛଡ଼ି ଦେଇଆନ୍ତା ।

ବର୍ତ୍ତମାନ ଅମ୍ଭମାନଙ୍କର କି ଗତି ହେବ କପିଳ ? କପିଳ ! କପିଳ ଏବେ କି ବୁଦ୍ଧି କରିବା କପିଳ !

(ସପନା ଦାସ ଝରଣିର ପ୍ରବେଶ)

ସପ—ରତ୍ନଧ୍ୱଜ ଆଜ୍ଞା, ଅବଧାନ । (ଅଭିବାଦନ)

ରତ୍ନ—ତୁମେ କିଏ ? କୁଆଡ଼ୁ ଆସିଛ ?

ସପ—ଆଜ୍ଞା, ଆମେ ଅଦାଲତରେ ମୋହରିର କାର୍ଯ୍ୟ କରୁଁ, ମାମଲା ମକଦ୍ଦମାର ତଦ୍‌ବିର କରୁଁ ।

ରତ୍ନ—କାହାର ମୋହରିର ?

ସପ—ଆଜ୍ଞା ନା, ଆମେ ଆମର ନିଜର ମୋହରିର, ଆମର ନିଜର ସିରସ୍ତା ଅଛି, ଆମେ ଆଉ କାହାର ମୋହରିର ନୋହୁଁ ।

ରତ୍ନ—ତୁମେ କଣ ମିସିଲରେ ଯାଇ ସୁଆଲ ଜବାବ କର ?

ସପ—ଆଜ୍ଞା ନା, ଆମକୁ ସେ ସବୁ କରିବାର ଦରକାର ପଡ଼େ ନାହିଁ, ଆମ ସିରସ୍ତାରେ ତ ଗଣ୍ଡା ଗଣ୍ଡା ଓକିଲ ରହିଛନ୍ତି, ଆମେ ସୁଆଲ ଜବାବ କରିବାକୁ ଯିବୁଁ କାହିଁକି ? ଆପଣଙ୍କ ନାମରେ ଗୋଟିଏ ନୋଟିସ ବାହାରିଅଛି, ଆପଣଙ୍କ ନାମ ଶୁଣି ମୁଁ ଅମଲାଙ୍କୁ ହାତରୁ ପାଉଣାପଣ ଦେଇ ଚୁହି ଆସିଥିଲି । କାଳେ ଆପଣ ଜାଣିଥିବେ କି ନାହିଁ, ଏତିକି ଦବାକୁ ଆସିଲି, ଶ୍ରୀରାମ ବାବୁ ଆପଣଙ୍କ ନାମରେ ଗୋଟାଏ ମକଦ୍ଦମା ଦାଏର କରିଛି ।

ରତ୍ନ—ହଁ, ଆମେ ନୋଟିସ ପାଇଛୁଁ, ସେ ମକଦ୍ଦମା କଣ ହବ?

ସପ—ହକ ଦଶ ଗୋଟାଏ ? ତଦ୍‌ବର କଲେ କୁଅଡ଼େ ଉଡ଼ ଯିବ ?

ଚଉ—ଉଡ ଯିବ? ଏଁ ! ଉଡ ଯିବ? ଏଁ ! ସତ କହୁଚ ?

ସପ—ମୁଁ ବୁଝିଚ, ଓକିଲମାନଙ୍କ ସହିତ କଥାବାର୍ତ୍ତା ହୋଇଥିଲି, ଶାମ ଦାସ ବାବୁ ଓ ରାମକୁମାର ବାବୁଙ୍କ ସହିତ ଏହି ପରାମର୍ଶ ପଡ଼ିଥିଲା ।

ଚଉ—ସେମାନେ କହିଲେ, ଉଡଯିବ ? ସେମାନେ ଭଲ ଓକିଲ ?

ସପ—ଆଜକାଲି ଓକିଲ ମଧ୍ୟରେ ଏ ଦୁଇଜଣ ଭାରି ଟାଣ, ଏମାନଙ୍କ ସମାନ କାମ କରିବାକୁ ଆଉ କେହି ନୁହନ୍ତି । ମାମଲା ଗୋଟାଏ ପାଇଲେ ଏମାନେ ଦାନ୍ତ ଲଗେଇ ଫେରେଇ ଯିବେ । ଗୁମାସ୍ତା କଣ ଜାଣି ନ ଥିବେ କି ? ଗୁମାସ୍ତାଏ ! ଆପଣଙ୍କୁ କୋଉଁ କଥା ଛପା ଅଛି ? ମୋ ସାଙ୍ଗରେ ଆସନ୍ତୁ, ମୁଁ ସବୁ ସକଲ କରି ଦେବି, ଆପଣଙ୍କ ମକଦମା ଡିକ୍ରୀ ହେଲେ ତ ଗଲା ।

ଚଉ—ଏଁ ! ଆମର ଡିକ୍ରୀ ହେବ ? ତାଙ୍କ ଅପଲି ଉଡଯିବ ? ସତ କହୁଚ ? ଏମାନେ ଭଲ ଓକିଲ ? ଆମ ମାମଲା ଡିକ୍ରୀ କରି ଦେବେ ?

ସପ—ଆଜ୍ଞା, ତାଙ୍କ ସମାନ ଏ ଓକିଲଖାନାରେ ଆଉ ଓକିଲ ନାହାନ୍ତି । ସେମାନେ ଦଣ୍ଡକେ କଳାକୁ ଧଳା କରି ଦେବେ, ଧଳାକୁ କଳା କରି ଦେବେ, ଗୃହୁଁ ଗୃହୁଁ ତୁମରି ଗଳା ତୁମରି ହାତରେ କାଟି ଥୋଇ ଦେବେ,

ବୁଝି ପାରିବ ନାହିଁ । ବଗଡ଼୍ ପଡ଼ିଲେ ହାକିମଙ୍କ ଗୋଡ଼ ଧରି ମିସିଲରେ ଲମ୍ବ ହୋଇ ପଡ଼ି ଯିବେ । ସେମାନଙ୍କର ଆଇନ କାନୁନ୍ ଖୋଜା ନାହିଁ । ସନ୍ଧ୍ୟା ସକାଳ ହାକିମ-ମାନଙ୍କ ବସା ବସା ବୁଲି ସଲାମ ବଜାଇ ଆସନ୍ତି । ମିସିଲରେ ଦେଖିବେ, ହାକିମମାନେ ସେମାନଙ୍କୁ ଦେଖିବାମାତ୍ରେ ଖୁସି ହୋଇଯାନ୍ତି । ହାକିମମାନଙ୍କ ସହିତ ସେମାନଙ୍କର ଏପରି ଖିଣି ମେଳ ହୋଇ ଗଲାଣି ଯେ ହାକିମଙ୍କୁ ହସ ମାଡ଼ିଲେ ସେମାନଙ୍କୁ ନିଶ୍ଚୟ ହସ ମାଡ଼ିବ, ହାକିମଙ୍କର ଦୁଃଖ ହେଲେ ସେମାନଙ୍କ ଆଖିରୁ ଅଗରୁସ ଲୁହ ଗଡ଼ି ପଡ଼ିବ । ଏପରି ସ୍ଥଳେ ସେମାନଙ୍କ ହାତରେ ମକଦ୍ଦମା ପଡ଼ିଲେ ଆଉ ଫେର ଡିକ୍ରୀର ଭାବନା ଅଛି ?

ଚଉ—ଗୁମାସ୍ତା ! ତେବେ ଦେଖ, ତାଙ୍କ ସଙ୍ଗରେ ଯାଅ, ଯେବେ ଏପରି ଓକିଲଙ୍କ ହାତରେ ମକଦ୍ଦମା ଖରାପ୍ ହେବ, ତେବେ ଆମ୍ଭର କର୍ମ ନିତାନ୍ତ ମନ୍ଦ ବୋଲି ଜାଣିବା ।

ଘପ—ଆଜ୍ଞା, ମୋଠାରୁ ଲେଖି ନିଅନ୍ତୁ, ମୁଁ ନିଶ୍ଚୟ ମକଦ୍ଦମା ଡିକ୍ରୀ କରାଇ ଦେବି ।

ଚଉ—ଗୁମାସ୍ତା ! ମୁଁ ଆଉ ତୁମ୍ଭଙ୍କୁ ଅଧିକ କହିବି କଣ ? ତୁମ୍ଭେ ସବୁ ଜାଣ, ଯେପରି ସୁବିଧା ହୁଏ କର । ମୁଁ ଯାଉଛି ।

(ଚଉଧୁରୀଙ୍କର ପ୍ରସ୍ଥାନ)

କପି—ତେବେ କଣ ଏଇ ହେଲା ? ଶ୍ୟାମକୁମାର ବାବୁ ଓ ଶାମଦାସ ବାବୁଙ୍କୁ ଓକିଲ କରିବା ?

ଯଦୁ—ହିଁ, ଅଭ୍ ପଣ୍ଡୁରୁଛ ? ଗୁମାସ୍ତା, ତୁମେ କଣ ବୁଝି ପାରୁ ନା ? ହାତର ପାଞ୍ଚ ସମସ୍ତଙ୍କର ଅଛି, ଏମାନଙ୍କ ପାଖରେ ଟଙ୍କାଟା ହିସାବ ଦଶ ଅଣା, ସମସ୍ତ ସମୟରେ ଆଠଣା ଛ ଅଣା ମଧ୍ୟ ଚଳେ ।• ଛ ଅଣା ଆଠଣା କି ଦଶଣା ପର୍ଯ୍ୟନ୍ତ ହାତରେ ରହିଗଲା, ସେଥିରୁ ତମର କିଛି ତ ମୋର କିଛି, ଦୁଇ ଥର ପାଞ୍ଚ ଥର ବିନା ଫିସରେ ମଧ୍ୟ କାର୍ଯ୍ୟ ଚଳିଯିବ, ତେତେବେଳେ ଖୋଲିଣାଯାକ ଆମର ।

ଜପି—ଏଁ ! କଣ କହୁଛ ! ଏପରି ଓକିଲ ? ଆରେ ସାବାସ୍ ଭାଇ, କଲିକତା ଗୁପବାହାଣ୍ଡି ଦୋଷ କାହିଁକି ତାଙ୍କୁ ପରି ହେବ ? ଚାଲ ଚାଲ ଚାଲ, ତୁମେ ଅପି ବଡ଼ ଉପକାର କଲ, ନ ହେଲେ ତ ମୁଁ ବଣା ହୋଇ ଧପାରେ ପଡି ଯାଇଥାନ୍ତି ।

(ଉଭୟଙ୍କର ପ୍ରସ୍ଥାନ)

ଚତୁର୍ଥ ଦୃଶ୍ୟ ।

ପୁଷ୍କରଣୀ ଘାଟ ।

(କୁନ୍ତଳାର ମାତା ଏବଂ ଅନ୍ୟ କେତେକ ଜଣ ରମଣୀଙ୍କର ସ୍ନାନାର୍ଥ ଗମନ)

୧ମ ରମଣୀ—ଆଁଲୋ କୁନ୍ତଳା ବୋଉ ! କୁନ୍ତଳା ବାହାଘର କଥା କଣ ହେଲା ?

କୁନ୍ତଳା-ମାତା—କଣ କହିବ ଲୋ ଭଉଣି ! ହିନସ୍ତା କପାଳରୁ

ସବୁ ହନସ୍ତା ଯୋଗ । ବାହାଘର ଆଉ ଏଇଥିଣ୍ଡି କେମିତ କରୁଛ, ଗଲଣି ଫେର ଗୁରୁମାସ ପାହଲେ, ବୈଶାଖ ଜ୍ୟେଷ୍ଠକୁ ଯେବେ ବାହାଘର ଥିବ ତ ହବ ।

୧ମ ଭମ—ସ୍ତ୍ରୀ ତ କୋଉଁ କାଳ ଯୁଗେ ଶୁଣା ନ ଥିଲା । ଝିଅଟା ମନା କରୁଛ—ମୁଁ ବାହା ହେବ ନାହିଁ । ଆଁଲୋ ସେ କାହିଁକି ଏମିତ ମନା କରୁଛ ?

ଲୁନ୍ତ-ମାତା—ମୁଁ ଜାଣିଛି ! ଡର ତ ମାଡୁଛି—କହୁଛି ଜଗର କଲେ ଜୀବନ ହରେଇ ଦେବ ।

୨ୟ ଭମ—ଇଲୋ ଝିଅଙ୍କୁ ପାଠ ପଢେଇବାର ଫଳ ଏତକ ।

୩ୟ ଭମ—ଯାହା କହଲୁ ଲଉଣି, ଝିଅଟାମାନେ ଫେର କୋଉଁ କାଳେ ପାଠ ପଢୁଥିଲେ ? ଇଲୋ ଝିଅ ସବୁ ପାଠ ପଢି କଣ ଗୁଜର କରିବେ ? ନା କଉଡ଼ି କମେଇବେ ? ଦରବାରରେ ବସିବେ ? ହାକମ ହେବେ ? ଛୁଆକର, ଛୁଆକର !

୨ୟ ଭମ—ଅଲୋ ଦରବାରରେ ବସିବାକୁ କଣ ଜଣେ ମନା କରିବ ? ଘୋଡ଼ା ଚଢ଼ିଲେ, ଗାଡ଼ି ଚଢ଼ିଲେ, ସଭାକୁ ଗଲେ, ଆଉ ଦରବାର କାହାକୁ କହନ୍ତି ଜ ?

୩ୟ ଭମ—ଫେର ସବୁ ଗୋଟାଏ ଗୋଟାଏ ଜାମା ପିନ୍ଧୁ ନାହାନ୍ତି ? ଜୋତା ମାନୁ ନାହାନ୍ତି ? ପାଇଜାମା ଖଣ୍ଡେ

ଖଣ୍ଡେ ପିନ୍ଧିଲେ ତ ମାଇକିନିଆ କି ମରଦ ଚିହ୍ନି ହୁଅନ୍ତେ ନାହିଁ ।

୧ମ ରମ—ମୁଣ୍ଡବାଳଗୁଡ଼ିକ କାଟି ନାହାନ୍ତି; ମୁଣ୍ଡିମାନ ଲଣ୍ଡା କରି ଯାହାଙ୍କ ଚେଟିପି ଗୋଟାଏ ଗୋଟାଏ ନଗେଇ ଦେଲେ ତ ବଳା ଯାହାବ, ଯାହବା ତାଙ୍କୁ ଗୁଣ କରି ନ ଦେବ କାହିଁକି?

୨ୟ ରମ—କଉଳି ଲୋ ଭଉଣି ; ଆମର ତ ଆସି ଦିନକାଳ ପଇଲାଣି । ଯେ ଥିବ ସେ ଦେଖିବ, ମରଦଙ୍କ କାମ ମାଇପେ କରନ୍ତି, ମାଇପଙ୍କ କାମ ମରଦ କରନ୍ତି ।

୩ୟ ରମ—ଏ କାଳକୁ ମାଇପଙ୍କ ବାହା ତ ହେଲା କବର । ମରଦଙ୍କର କଣ ତେଜ ଅଛି ? ମାଇପେ ପିନା ମରଦଙ୍କ ହାତକୁ ଚାହିଁ ରହୁଥିଲେ, ଏବକାଳକୁ ତ ମରଦଙ୍କ ଚୁଟି ରହିଲା ମାଇପଙ୍କ ହାତମୁଠାରେ, ମାଇପେଯାକ ଯେମିତି ନଚେଇଲେ, ମରଦଯାକ ଭାନୁବତୀ କଣ୍ଢେଇ ପରି ସେମିତି ନାଚିଲେ ।

୪ର୍ଥ ରମ—ଆଉ ଦିନାକେତେ ଯାଉ—ଏ ମାଇପେ ଯାହା ହେଉଛନ୍ତି, ସେ ମରଦଙ୍କ ପେଟରେ ପିଲା ଝିଲା ନ ରଖେଇ ସହଜରେ ଛାଡ ଦେଲେଁ ଯଥା !

୧ମ ରମ—କୁନ୍ତଳୀ ବୋଉ ! ତୁ ସେ କଥାରୁ କଣ ପାଇରୁ? କାହିଁକି ବାହାଘର ବନ୍ଦ କରିବୁ, ଏତେଆଡ଼ୁ ଏତେ କଥା କହ ଏ ଝୁଅଟା କଥାରେ ବାହାଘର ବନ୍ଦ କରିବୁ ? ଯେ ଶୁଣିବ ଗୋଟାଏ ହସିବ !

୨ୟ ଭମ—ଆଉ କଣ ମ, ଏ ପନ୍ଦୂଲାହାକଙ୍କ ନା' ଶୁଦ୍ଧଅଛେ ବାଜୁଛି, ଝୁଅଟା ଏବେ ତାଙ୍କ ନା' ପକଉଛି ।

୩ୟ ଭମ—କୁନ୍ତଳୀ ବୋଉ ! ତୁ କେବେଁ ବାହାଘର ବନ୍ଦ କରନା, ଏ ମାଙ୍କଡ଼ ଖୋଙ୍କଟା, ତାର କଥା ଶୁଣୁଚୁ ? କଣ କହବ କରୁ ।

କୁନ୍ତ-ମାତା—କେତେ ଲୋକ କେତେ କଥା କହୁଛନ୍ତି; ମୁଁ ଶୁଣି ଶୁଣି ମୋ ଛାତି ପଥର ହୋଇ ଗଲାଣି; ମୋ କପାଳରେ ବଧାତା ଏତେ ଦୁଃଖ ଲେଖିଥିଲା ମୁଁ ଜାଣି ନ ଥିଲି । ମୋର ପିଲ୍ଲଝିଲ୍ଲ ବୋଲି ସେତକ, ମୁଁ ଏବେ କୋଉଁ ବୁଦ୍ଧି କରବ ? ତାର ସୁଖ ଲାଗି ସିନା ଏତେ କଥା; ବାହା ହବାକୁ ତାର ଯେବେ ମନ ନାହିଁ, ତେବେ ମୁଁ ଧର ବାନ୍ଧ ବାହା କରେଇବ କୋଉଁ ସୁଖକୁ ? ଯେ ଯାହା କହିବେ କହନ୍ତୁ, ସବୁ କଥା ସହ ହବ; ମାତ୍ର କୁନ୍ତଳା ମୋର ଜୀବନସଙ୍ଖାଳୀ, ମୋର ଅଞ୍ଚଳନିଧି, ମୋର ଏକମାତ୍ର ଅନ୍ଧୁଣୀନୟନ--ସେ ଯେବେ ପ୍ରାଣ ହରାଇ ଦେବ, ତେବେ ମୁଁ କେଉଁ ଭରସାରେ ଦେହ ଧରବ, କାହା ମୁହଁ ଦେଖି ଜୀବନ କାଟିବ । ମୋ କୁନ୍ତଳାର ଯେବେ ଇଚ୍ଛା ନାହିଁ, ମୁଁ ବାହାଘର କରବ ନାହିଁ । ଶୁଦ୍ଧମାସ ଗଡ଼ ଗଲେ ମୋ ଝିଅ କଛ ବୁଢ଼ୀ ହୋଇ ଯାଉ ନାହିଁ । ମନ ଯେବେ ତାର ବଦଳି ଯିବ, ତେବେ ଦେଖି ଶୁଣି ଯାହା ହେବ କରବ ।

(ସମସ୍ତଙ୍କର ପ୍ରସ୍ଥାନ)

ତୃତୀୟ ଅଭିନୟ ।

ପ୍ରଥମ ଦୃଶ୍ୟ ।

ଚଉଧୁରୀଙ୍କ କଚେରିଘର ।

(ଜଣେ ଗୁମାସ୍ତା ବସି ହିସାବପତ୍ର ଲେଖିବାରେ ପ୍ରବୃତ୍ତ ।
ତିନି ଜଣ ଖାତକଙ୍କର ପ୍ରବେଶ ।)

୧ମ ଖାତକ—ଗୁମାସ୍ତା, ଚଉଧୁରୀ କାହାନ୍ତି ?

ଗୁମାସ୍ତା—ମୁଁ କହି ପାରିବ ନାହିଁ ।

୨ୟ ଖାତ—ଘରେ ଅଛନ୍ତି ?

ଗୁମା—ମୁଁ କହି ପାରିବ ନାହିଁ ।

୩ୟ ଖାତ—କୁଆଡ଼େ ଯାଇଛନ୍ତି ?

ଗୁମା—ମୁଁ କହି ପାରିବ ନାହିଁ ।

୧ମ ଖାତ—ଆମ୍ଭେମାନେ ଯେ ସବୁ ଟଙ୍କା ଅସୁଲ ଦେଇ ଯାଉଁ, ସେ ସବୁ ହିସାବପତ୍ର କିଏ ଲେଖେ ?

ଗୁମା—ମୁଁ କହି ପାରିବ ନାହିଁ ।

୨ୟ ଖାତ—ତାର ହିସାବ ସବୁ ଲେଖା ଅଛିଟି କି ?

ଗୁମା—ମୁଁ କହି ପାରିବ ନାହିଁ ।

(ଜଣେ ତପସ୍ୱିନୀର ପ୍ରବେଶ)

ତପସ୍ୱିନୀ—ଚଉଧୁରୀ କାହାନ୍ତି ?

ଗୁମା—କାହିଁକି ?

ତପ—ଚଉଧୁରୀ ଅନାରି ମେଜେଷ୍ଟର ହେଲେ, ମୁଁ ପରୁଆନା ଅଣିଛୁ ।

ଗୁମା—ମୁଁ ତେବେ ଡାକଦେଏଁ ।

(ଗୁମାସ୍ତାର ପ୍ରସ୍ଥାନ ।)

୧ମ ଖାତ—ଦେଖୁଛଟି ? "ମୁଁ କିଛି କହି ପାରିବ ନାହିଁ ।" ଗୋଟିକ ଗୋଟି ଏଠି ଛାଇମ୍ ।

(ଚଉଧୁରୀ ଓ ଗୁମାସ୍ତାଙ୍କର ପ୍ରବେଶ ।)

ତପ—(ପ୍ରଣାମ କରି) ଆଜ୍ଞା ପରୁଆନା ନେବା ହେଉନ୍ତୁ । ଆପଣ ଅନାରି ମେଜେଷ୍ଟର ହେଲେ ।

(ପରୁଆନା ପ୍ରଦାନ, ଅଭିବାଦନ ଓ ପ୍ରସ୍ଥାନ ।)

ଚଉ—ଗୁମାସ୍ତା ! ନିଅ ରଖ, ଖୁବ୍ ସାବଧାନରେ ରଖିବ, ଏ ଜୀବନରେ ଆଜ ଗୋଟାଏ ଦିନ ଜାଣିବ ।

୧ମ ଖାତ—ଆପଣଙ୍କର ଶୁଭସମ୍ବାଦ ମିଳିଅଛି, ଆମ୍ଭେମାନେ ବଡ଼ ଖୁସି ହେଲୁଁ ।

୨ୟ ଖାତ—ଆପଣ ଧର୍ମ ଯୁଧିଷ୍ଠିର, ଆପଣଙ୍କର ଉନ୍ନତି ନ ହେବ ତ ଆଉ କାହାର ହେବ ?

ଗୁମା—ଯାହାହେଉ ଖାମିନଙ୍କର ଶୃଙ୍ଗରେ ଖଣ୍ଡିଏ ହେଲା । ଆମ୍ଭମାନଙ୍କର ମଧ୍ୟ କର୍ମ ଫେରିବ ଯେ ।

୩ୟ ଖାତ—ଆଜି ବଡ଼ ଶୁଭ ଦିନ, ଆଜି ଆମ୍ଭମାନଙ୍କୁ ଖଲାସ କରି ଦିଆଯାଉ ।

୨ୟ ଖାତ—ଆମ୍ଭେମାନେ ଦଉଡ଼ ଦଉଡ ଥକିଲୁଣି ।

ଚଉ—ତୁମ୍ଭମାନଙ୍କର କଣ ଅଛି ହେ ? କାହିଁକି ଦଉଡ଼ଛ ? ଗୁମାସ୍ତା, ବୁଝିବଟି ।

୧ମ ଖାତ—ମୋର ସବୁ ଛାଡ଼ିଗଲା କି ଆଉ କିଛି ହବ, ହିସାବ କରି ଦେଲେ ମୁଁ ନିକାଶ କରିଦେବି ।

ଚଉ—ବେଶ୍ ହିସାବ କର, ତମସୁକ ତାରିଖରୁ ଆଜଯାଏ ଅସଲ ସୁଦ କେତେ ହେଲା ଦେଖ ।

୨ୟ ଖାତ—ମୋହର ତ ଅସଲ ସୁଦ ସବୁ ନିକାଶ କରି ଦେଇ ଗଲି, ତମସୁକ ଖଣ୍ଡ ଦେଇ ନାହାନ୍ତି; ଆଜ୍ଞା ଅନେକଥର ଦଉଡ଼ିଲିଣି, ଆଜ ମିଳିଗଲେ ଛୁଟି ପାଇଯାନ୍ତି ।

ଚଉ—ଆହେ ତମସୁକ ଖଣ୍ଡ ତମର କଣ କେହି ଖାଇପାଉଛି ? ଟଙ୍କା ତ ଦେଇଗଲ, ଆଉ ତମସୁକର ବଳ କଣ ରହିଲା ? ତୁମେ ନେଇ ବା ତାକୁ କଣ କରିବ, ଆଉ ଆମେ ରଖି ବା କଣ ହବ ? ଆମଠାରେ କଣ ତୁମର କିଛି ଅବିଶ୍ୱାସ ଅଛି ?

୨ୟ ଖାତ—ଆଜ୍ଞା ନାହିଁ, ଆପଣଙ୍କଠାରେ ଅବିଶ୍ୱାସ ନାହିଁ, ତେବେ—

ଚଉ—ତେବେ ଆଉ କଣ ? ନିକାଶି ତମସୁକଟା ସକାଶେ ଏତେ ଜଗର କାହିଁକି ? ତୁମେ ନିତାନ୍ତ ବେକୁବ୍ । ତମସୁକ ଖଣ୍ଡ ଆମ ପାଖରେ ଅଛି, ସେ ତୁମର ମଙ୍ଗଳ; ଘର ବାଡ଼ି ବନ୍ଧକ ଦେଇଛ, ଧର ଆଉ କେହି ମହାଜନ ଝୋଳ କଲା । ଦସ୍ତାବିଜ ଖଣ୍ଡ ଥିଲେ ଆମେ ସହଜରେ ଘର ବାଡ଼ି ଦଖଣ୍ଡ ରକ୍ଷା କରି ଦେଇ ପାରିବୁଁ ।

୨ୟ ଖାତ—ଆଜ୍ଞା ମୋର ଆଉ କେହି ମହାଜନ ନାହାନ୍ତି ।

ଚଉ—ଅରେ ତୁମେ ତ ନିତାନ୍ତ ଅବୁଝା ଲୋକ, ମହାଜନ ଆଉ କେହି ନାହିଁ, କାଲି ହବାକୁ କଣ କେହି ମନା କରିବ ? ତୁମର ଭଲ ସକାଶେ କହୁଛୁଁ, ଆମର କଣ କିଛି ସେଥିରେ ସ୍ୱାର୍ଥ ଅଛି ?

୨ୟ ଖାତ—ଆଜ୍ଞା ନାହିଁ, ମୋ ତମସୁକ ଖଣ୍ଡ ମତେ ଓଆପସ ଦିଅନ୍ତୁ ।

ଚଉ—ହଉ ହେଲା, ନବ, ତୁମେ ୪ ଦିନ ପରେ ନେଇଯିବ ।

୩ୟ ଖାତ—ଆଜ୍ଞା ମୋ ଟିପସୂଟା ବୁଝିଆନ୍ତେ ।

ଚଉ—ତୁମର କଣ ବୁଝିବା ? ତୁମେ ତ ଅଦାଲତରେ ଅସ୍ଥଳ ଆପତ୍ତି ଦାଖଲ କରିଛ । ତୁମର ଯାହା ବୁଝା ହେବ, ସେହି ଅଦାଲତରେ ହେବ ।

୩ୟ ଖାତ—ଆଜ୍ଞା ମୁଁ କଣ ଖୁସିରେ ଆପତ୍ତି ଦାଖଲ କଲି ? ଆପଣଙ୍କର ଡିକ୍ରୀ ଜାରି ହୋଇ ହୋକ ପରୁଆନା ବାହାରିବାରୁ ମୁଁ ବାଧ୍ୟ ହୋଇ ଦରଖାସ୍ତ ଖଣ୍ଡେ ପକାଇ ଦେଇଛି ।

ଚଉ—ତେବେ ସେହି ଅଦାଲତରେ ଦେଖାଯିବ ।

୩ୟ ଖାତ—ଆଜ୍ଞା ଆପଣଙ୍କ ଡିକ୍ରୀ ଅନୁସାରେ ହିସାବ କଲେ ମୁଁ ୪୦।୮୦ ଟଙ୍କା ଅଧିକା ଦେଇ ସାରିଲିଣି ।

ଚଉ—ଅଧିକଟା କଣ ଦେଲ ହେ ? ଡିକ୍ରୀ ସାଙ୍ଗରେ କଣ ଅଛି ? ଡିକ୍ରୀରେ ତ ସୁଦ ଟ ୦ ୫ ଲେଖାଏ, ଆମର ନଷ୍ଟି ସୁଦଟା କୁଆଡ଼େ ଯିବ ?

୩ୟ ଖାତ—ଆଜ୍ଞା, ଦିଟି କିସ୍ତିରେ ଏକ ପଇସା ଅସୁଲ ଦିଆ ଯାଇ ନାହିଁ ।

ତଉ—ଅସୁଲ ଦିଆ ନ ଗଲା ସେଥିରେ ତୁମର କଣ ଅଛି ?

୩ୟ ଖାତ—ଆଜ୍ଞା, ମୋ ଘର ଦ୍ୱାର କ୍ରୋକ ହୋଇଯାନ୍ତା !

ତଉ—ଓଃ ! କ୍ରୋକ ହୋଇଗଲେ ମଧ୍ୟ ତୁମର କଣ କ୍ଷତି ହୁଅନ୍ତା ?

୩ୟ ଖାତ—ନିଲାମ ହୋଇ ଯାଇଥାନ୍ତା ।

ତଉ—ଓଃ ! ଧର ହେଲା, ସେଥିରେ ତୁମର କ ଲୋକସାନଟା ହୁଅନ୍ତା ? ତୁମେ ଅସୁଲ ଆପତ୍ତି ଦାଖଲ କରି ଦେଲ, ପ୍ରଥମେ ସତ୍ୟହାନି କଲ, ଆମେ କ ସକାଶେ ତୁମ ସହିତ ସତ୍ୟ ରକ୍ଷା କରିବୁଁ ?

୩ୟ ଖାତ—ଆଜ୍ଞା, ଆପଣଙ୍କର ଏହି ବିଚାର ହେଲା ?

୧ମ ଖାତ—ଗୁମାସ୍ତା କେବଳ ଅସଲ ସୁଦ ଆଦ୍ୟରୁ ହିସାବ କରିଛନ୍ତି, ଅସୁଲଯାକ ଆଦୌ କାଟିବାକୁ ନାହାନ୍ତି ।

ଗୁମାସ୍ତା—ତାଙ୍କ ଉପରେ ଅସଲ ସୁଦ ଅକଯାଏ ହେଲା ଟ ୧୦୨୩/୧୧ ।

ତଉ—ଦିଅ, ଟଙ୍କା ଆଣ, ମତେ ଆଉ ସମୟ ନାହିଁ, ମୁଁ ଯିବି ।

୧ମ ଖାତ—ମୋ ଅସୁଲ ଟଙ୍କା କୁଆଡ଼େ ଗଲା ?

ତଉ—ଅସୁଲ ଆଉ କଣ ହେ ? ତମସୁକରେ ମିଆଦ ଥିଲା ଦୁଇ ମାସ, ସେ ଦୁଇ ମାସ ମଧ୍ୟରେ କିଛି ଅସୁଲ ଦେଇଥିଲ ?

୧ମ ଖାତ—ଦୁଇ ମାସ ମଧ୍ୟରେ ଦେଇ ନାହିଁ, କିନ୍ତୁ ତମସୁକ ତାରିଖରୁ ଚାରି ମାସ ପରଠାରୁ ପ୍ରତି ମାସରେ ଶୁଣି ପଚିଶ, ଶଏ ପଚିଶ କରି ଅସୁଲ ଦେଇଛି ।

ତନ୍ତ୍ର—ତେବେ ଠିକ୍ ଦୁଇ ମାସ ପରେ ନାଲିସ ନ କରି ଆମେ ଏତେ ଦିନ ଅପେକ୍ଷା କଲୁଁ କାହିଁକି ? ଯାହା ଦେଇଥିବ, ତାହା କେବଳ ନାଲିସ ବନ୍ଦ କରାଇବା କାରଣ ଦେଇଥିବ, ନାଲିସ ଏପର୍ଯ୍ୟନ୍ତ ବନ୍ଦ କରା ଯାଇଅଛି, ତମସୁକ ବାବଦ୍‌ରେ ଯାହା ପାଉଣା ହେଲା, ଦାଖଲ କର, ତମସୁକ ନେଇ ଯାଅ । ଆମର ସଫା କଥା, ଏଠି କିଛି ଗୋଲମାଲ ନାହିଁ ।

୧ମ ଖାତ—ହେ ଜଗଦୀଶ୍ୱର ! ମୁଁ ଟ ୫୦୦୯ କରଜ ନେଇ ଟ ୬୦୦ ଅସୁଲ ଦେଇ ସାରିଲିଣି । ବରାବର କହିଲି, ହିସାବ ହେବ, ହିସାବ ହେବ ! ଅଙ୍କ କହିଲ, ସବୁ ଗଲା ! ହେ ଭଗବାନ୍ ! ମୋର କେହି ସାକ୍ଷୀ ନାହାନ୍ତି, ଏକା ତୁମେ ସାକ୍ଷୀ, ମୋ ମସ୍ତକରେ ବଜ୍ରପାତ କର ! ମୁଁ ସରିଗଲି, ସରିଗଲି, ଆଉ ଏ ସଂସାରରେ ରହି ପାରିବି ନାହିଁ ।

ତନ୍ତ୍ର—ଗନ୍ତୁ ସିଂହ !

(ଗନ୍ତୁ ସିଂହର ପ୍ରବେଶ ।)

ଗନ୍ତୁ—ହଜୁର ! (ତନ୍ତ୍ରଧୂରିଙ୍କର ନେତ୍ର ଇଙ୍ଗିତ) ଚଲୋ, ଗୋଲମାଲ ମତ୍ କରୋ । (ଖାତକମାନଙ୍କୁ ବହିଷ୍କରଣ)

ସମସ୍ତ ଶାବକଗଣ } —ହେ ଭଗବାନ୍ ! ହେ ଜଗଦୀଶ୍ୱର ! ତୁମେ ସାକ୍ଷୀ, ତୁମେ ସାକ୍ଷୀ ।

(ସମସ୍ତଙ୍କର ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

ଉପବନ ମଧ୍ୟସ୍ଥ ବୈଠକଖାନା ।

(ସଦାନନ୍ଦ ଓ ୩ ଜଣ ବନ୍ଧୁ ମଦ୍ୟପାନରେ ପ୍ରବୃତ୍ତ,
ଖାନସମା ଓ ଭୃତ୍ୟଗଣ ଦଣ୍ଡାୟମାନ ।)

୧ମ ବନ୍ଧୁ—(ପାତ୍ର ଦେଖାଇ) ଦିଅ ଦିଅ, ଆଣ ଆଣ ଆଣ ।

୨ୟ ବନ୍ଧୁ—(ପାତ୍ର ଦେଖାଇ) ଆଣ ଆଣ, ଦିଅ ଦିଅ ।

ସଦାନନ୍ଦ—(ଭୃତ୍ୟ ପ୍ରତି) ଦିଅ ଦିଅ, ଢାଳ ଢାଳ ।

(ଭୃତ୍ୟର ମଦ୍ୟ ପ୍ରଦାନ ।)

୧ମ ବନ୍ଧୁ—ପିଅ ପିଅ ।

୩ୟ ବନ୍ଧୁ—ପିଅ ପିଅ ।

୨ୟ ବନ୍ଧୁ—ଖାନ୍‌ସମା ! ରମ୍ ଲାଓ, ଜୋରମା ଲାଓ ।

ସଦା—ଲାଓ ଖାନ୍‌ସମା, ଜଲ୍‌ଦିର ଲାଓ ।

ଖାନ୍—ହଜୁର, ଲାତାହୁଁ ।

(ଖାନ୍‌ସମାର ପ୍ରସ୍ଥାନ ଏବଂ ଖାଦ୍ୟପାତ୍ର ସହ ପୁନଃ ପ୍ରବେଶ ।
ସଦାନନ୍ଦ ଏବଂ ବନ୍ଧୁମାନଙ୍କର ଭୋଜନ ।)

୧ମ ବନ୍ଧୁ—ବାବା ତୁମର ଅନାଢ ହେଲେ ।

୨ୟ ବନ୍ଧୁ—ବାବା ଅନାଡ଼ି ମାଜେଷ୍ଟର ହେଲେ ।

୧ମ ବନ୍ଧୁ—ବଡ଼ା ଅନାଡ଼ି ଜଜ ହେବେ । ଢାଲେ, ଢାଲେ, ଢାଲେ । (ଭୃତ୍ୟର ମଦ୍ୟ ପ୍ରଦାନ)

୨ୟ ବନ୍ଧୁ—ବାବା ଅନାଡ଼ି କମିଶନର ହେବେ ।

୩ୟ ବନ୍ଧୁ—ଯେଉ ଆଣିବେ, ସେମ୍ପିଅନ ଆଣିବେ ।

ସମସ୍ତେ—ହେଓ ହେଓ ହେଓ ହେଓ !

(୩ୟ ବନ୍ଧୁର ପ୍ରସ୍ଥାନ)

୧ମ ବନ୍ଧୁ—ବାବା ତୁମର ଅନାଡ଼ି ଖାନ୍‌ସମା ହେଉନ୍ତୁ, କୋରମା ଖୋଇବେ, କାଉ ଖୋଇବେ ।

୨ୟ ବନ୍ଧୁ—ସଦାନନ୍ଦ ବାବୁ ! ତୁମେ—ତୁମେ—ଅପ୍—ଅପ୍ ହନ୍‌ରେଇ ରାଜା ହୋଯାଓ—ହୋଯାଓ—ହୋଯାଓ —ଅବ ହୋଯାଓ—ଅବ ହୋଯାଓ—ହାମ୍—ହାମ୍ —ମେ—ଅମେ ମନ୍ତ୍ରୀ—

୧ମ ବନ୍ଧୁ—ଗ୍ରେପ୍ ଗ୍ରେପ୍ ! ଅମେ—ଅମେ—ହାମ୍—ହାମ୍ ମନ୍ତ୍ରୀ ।

୨ୟ ବନ୍ଧୁ—ନାହିଁ—ନାହିଁ—କଭି ନାହିଁ—କଭି ନାହିଁ— ହୋଗା ନାହିଁ—ହାମ୍ ହୋଗା—ହାମ୍ ମନ୍ତ୍ରୀ ହୋଗା । ମହ୍‌କା ଭଣ୍ଡାର ଲଷ୍ଠା ଲେଗା, ହାମ୍ ହାମ୍, ବନ୍ଦା ବନ୍ଦା ଲେଗା ।

୧ମ ବନ୍ଧୁ—ନେହିଁ ନେହିଁ, ହାମ୍ ଲେଗା । (ଉଭୟଙ୍କର ବିବାଦ)